ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ-୩୦ • ସଂଖ୍ୟା-୩୪୭ • ୧୬ ଜାନୁଆରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -30 • Issue-347 • 16th January 2024, Tuesday • Bhubaneswar

Licensed to post without pre-payment of postage No- BN-60/22-24


DADLS-81

# ଜୟ ଜଗନ୍ନାଥ






ଭକତ ଭାବରେ ବନ୍ଧା ମହାବାହୁ ଶ୍ରୀଜଗନ୍ନାଥ
ଗୌରବମୟ ଶ୍ରୀକ୍ଷେତ୍ରରେ ଯୋଡି ହେବ ଆଉ ଏକ ସର୍ଣ୍ଣିମ ପୃଷ୍ଠା
ଜଗତକର୍ତ୍ତାଙ୍କ କୃପାରୁ ସମ୍ଭବ ହୋଇଛି

## "ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ"

ଶ୍ରଦ୍ଧାଳୁମାନେ କରିପାରିବେ ଶ୍ରୀମନ୍ଦିରର ଶାନ୍ତିପୂର୍ଣ୍ଣ ପରିକ୍ରମା

ଆସନ୍ତାକାଲି ବିଶ୍ୱବାସୀଙ୍କ ନିମନ୍ତେ
ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ
୧୭ ଜାନୁଆରୀ ୨୦୨୪

ସକାଳ ୭ ଘଟିକାରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ
ସମସ୍ତ ଓଡ଼ିଆ ଟିଭି ଚାନେଲ୍ ଏବଂ "IPR Odisha" ୟୁଟ୍ୟୁବ୍ ଚାନେଲ୍‌ରେ ଦେଖିପାରିବେ ।

OIPR : 15001/13/0261/2324

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୭ ● ୧୬ ଜାନୁଆରୀ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -30 ● Issue-347 ● 16th January 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24




## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

# ଲୋକାର୍ପଣ ପୂର୍ବରୁ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଲେ ୫-ଟି ଅଧ୍ୟକ୍ଷ

**ପୁରୀ, ୧୫।୧ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସୋମବାର ନିଳାଦ୍ରୀ ଭକ୍ତ ନିବାସରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ବୈଠକରେ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ସମସ୍ତ କର୍ମକର୍ତ୍ତା ଓ ସେବାୟତଙ୍କ ସହ ସବିଶେଷ ଆଲୋଚନା ମଧ କରିଛନ୍ତି। ଏହି ବୈଠକରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କନୱର ବିଶାଳ ସିଂ, ବରିଷ୍ଠ ସେବାୟତ, ପରିଚାଳନା କମିଟି ସଦସ୍ୟ, ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପୂର୍ବରୁ ଏହି ବୈଠକରେ ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ଲୋକାର୍ପଣ ସମାରୋହରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁ ସନ୍ଥ ଆସୁଥିବାରୁ ଶୃଙ୍ଖଳିତ ଦର୍ଶନ ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଗୁରୁତ୍ୱ



ଦିଆଯାଇଛି। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ରବିବାର ମଧ ପୁରୀ ଗସ୍ତରେ ଯାଇ ପରିକ୍ରମା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ : ମୁତୟନ ହେବେ ୮୦ ପ୍ଲାଟୁନ ଫୋର୍ସ

## ସଭାସ୍ଥଳ ଓ ଯଜ୍ଞସ୍ଥଳକୁ ପାସ୍ ଥିବା ବ୍ୟକ୍ତିଙ୍କୁ ପ୍ରବେଶ ଅନୁମତି

**ପୁରୀ, ୧୫।୧ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ପୁରୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ବ୍ଲାଙ୍କେଟ ଭିତରେ ରହିବ ଶ୍ରୀକ୍ଷେତ୍ର । ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଆସନ୍ତା ୧୭ ତାରିଖ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ ।

ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ଅନେକ ଅତିଥି ଯୋଗ ଦେବେ । ଅନେକ ଭିଭିଆଇପି, ବିଶିଷ୍ଟ ବ୍ୟକ୍ତି, ସାଧୁସନ୍ଥ, ଧର୍ମଗୁରୁ ମଧ ଏହି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ରହିବେ । ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ବଡ଼ଦାଣ୍ଡ, ଅତିଥିମାନେ ବସିବାକୁ ଥିବା ସଭାସ୍ଥଳୀରେ ପୋଲିସ ପ୍ରଶାସନ ପକ୍ଷରୁ ଅଭୁତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ଓ ପୁରୀ ଏସପି କନୱର ବିଶାଳ ସିଂଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

ସମଗ୍ର ଶ୍ରୀକ୍ଷେତ୍ର ଅଞ୍ଚଳ ସୁରକ୍ଷା ବ୍ଲାଙ୍କେଟ ଭିତରେ ରହିବ । ସୁରକ୍ଷା ଦାୟିତ୍ୱରେ ପୋଲିସ ବିଭାଗର ଅନେକ ବରିଷ୍ଠ ଅଧିକାରୀଙ୍କ ସହ ମୁତୟନ ହେବେ ୮୦ ପ୍ଲାଟୁନ ଫୋର୍ସ।



ସେହିଭଳି ୧୦୦ ଜଣ ବରିଷ୍ଠ ପୋଲିସ ଅଧିକାରୀ, ୨୫୦ଜଣ ସବ ଇନ୍ସପେକ୍ଟର, ୪ଟି ବୋମା ନିଷ୍କ୍ରିୟକାରୀ ଟିମ୍, ୩ଟି ଅତ୍ୟାଧୁନିକ ୯ ସିକ୍ୟୁରିଟି ଟିମ୍, ସାଧା ପୋଷାକଧାରୀ ପୋଲିସ୍ ସହ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସଭାସ୍ଥଳକୁ ଏବଂ ଯଜ୍ଞସ୍ଥଳକୁ କେବଳ ପାସ୍ ପାଇଥିବା ବ୍ୟକ୍ତିଙ୍କୁ ହିଁ ପ୍ରବେଶ ଅନୁମତି ମିଳିବ । ସଭାସ୍ଥଳୀରେ ୯ ଶହ ଅତିଥି ବସିବା ଭଳି ବ୍ୟବସ୍ଥା କରାଯାଇଛି ।

ଯଜ୍ଞସ୍ଥଳୀକୁ କେବଳ ପୂଜାରେ ନିୟୋଜିତ ଥିବା ଆଚାର୍ଯ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ପ୍ରବେଶ ପାଇଁ ଅନୁମତି ରହିଛି। ପୋଲିସ ଡ଼ିଜି ଅରୁଣ ଷଡଙ୍ଗୀ ସୋମବାର ପ୍ରଥମେ ହେଲିପ୍ୟାଡ୍, ଶ୍ରୀସେତୁ, ସମଙ୍ଗ ପାର୍କିଂ, ଜଗନ୍ନାଥ ବଲ୍ଲଭ, ପିଲିଗ୍ରିମ ସେଣ୍ଟର, ଶ୍ରୀମାର୍ଗ, ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଅଭ୍ୟର୍ଥନା କକ୍ଷ ଏବଂ ଶ୍ରୀମନ୍ଦିର ଚାରିପାଖର ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଏଥିସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ସାଧାରଣ ଭକ୍ତଙ୍କର ଯେଭଳି ଅସୁବିଧା ନହୁଏ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଛନ୍ତି ପୋଲିସ ମହାନିର୍ଦ୍ଦେଶକ। ସେହିପରି ଟ୍ରାଫିକ ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।

# ୧୦ ଡିଗ୍ରୀ ତଳେ ରାଜ୍ୟର ୯ ସହର

**ଭୁବନେଶ୍ୱର, ୧୫।୧**
**ନ୍ୟୁଜ୍ ବ୍ୟୁରୋ**

ପୁଣିଥରେ ଲେଉଟିଛି ଶୀତ। ରାତିର ତାପମାତ୍ରା କମିବା ସହ ରାଜ୍ୟର ୯ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସି ଆସିଛି। ସୁନ୍ଦରଗଡ଼ ଜିଲ୍ଲା କିରେଇରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଜି.ଉଦୟଗିରିରେ ୮, ରାଉରକେଲାରେ ୮.୭, କୋରାପୁଟରେ ୮.୯, ସୁନ୍ଦରଗଡ଼ରେ ୯, ଝାରସୁଗୁଡ଼ାରେ ୯.୩, ଫୁଲବାଣୀ, ରାଣିତାଲ ଓ ସିମିଳିଗୁଡ଼ାରେ ୯.୫, କେନ୍ଦୁଝରଗଡ଼ରେ ୯.୬ ଓ ଅନୁଗୁଳରେ ୧୦ ଡିଗ୍ରୀ ରେକର୍ଡ ହୋଇଛି। ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କୁହୁଡ଼ି ଲାଗି ରହିବ । ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ କୋରାପୁଟରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି: ମୁଖ୍ୟ ଶାସନ ସଚିବ

**ପୁରୀ, ୧୫।୧ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୋମବାର ଏହାର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ବୁଲି ଦେଖିବା ପରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି, ସବୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଭିଭିଆଇପି ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ପହଞ୍ଚିବେ। ସୋମବାର ଠାରୁ ବାହାର ରାଜ୍ୟର ଅତିଥିମାନେ ପୁରୀଧାମରେ ପହଞ୍ଚିବେ। ସେହିପରି ୧୭ ତାରିଖ ଲୋକାର୍ପଣ ପରେ ଶ୍ରୀ ସେତୁ ସ୍ୱାଗତ ତୋରଣ ସାଧାରଣ ଲୋକଙ୍କ ପାଇଁ



ଖୋଲାଯିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱଚ୍ଛତା ରକ୍ଷା ସହ ରକ୍ଷଣାବେକ୍ଷଣ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ସୋମବାର ଠାରୁ ଯଜ୍ଞ ଆରମ୍ଭ *(ପୃଷ୍ଠା ୭ରେ)*

# ୨୦୨୦ରୁ ଧନୀଙ୍କ ସମ୍ପତ୍ତି ଦ୍ୱିଗୁଣା ହୋଇଛି

## ପାଞ୍ଚ ବିଲିୟନ ଲୋକଙ୍କ ରୋଜଗାର କମିଛି: ଅକ୍ସଫାମ

**ନୂଆଦିଲ୍ଲୀ, ୧୫।୧**

ଦୁନିଆର ସବୁଠୁ ପାଞ୍ଚ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ୨୦୨୦ ମସିହାରୁ ବଢ଼ି ଦ୍ୱିଗୁଣା ହୋଇଛି। ଚ୍ୟାରିଟି ଅକ୍ସଫାମ ଏକ ରିପୋର୍ଟ ଜାରି କରି ଏହି ଦାବି କରିଛି । ୱାର୍ଲଡ ଇକୋନୋମିକ ଫୋରମର ଡାଭୋସରେ ହୋଇଥିବା ବୈଠକରେ ଏହି ରିପୋର୍ଟ ଜାରି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଦୁନିଆର ଶୀର୍ଷ ପାଞ୍ଚ ଧନୀଙ୍କ ମୋଟ ସମ୍ପତ୍ତି ୨୦୨୦ ପରଠୁ ଏବେ ସୁଦ୍ଧା ୪୦୫ ବିଲିୟନ ଡଲାର ବଢ଼ି ୮୬୯ ବିଲିୟନ




ଡଲାର ହୋଇଛି । ସେମାନଙ୍କ ସମ୍ପତ୍ତି ପ୍ରତି ଘଣ୍ଟା ଏକ ଲକ୍ଷ ୪୦ କୋଟି ଡଲାର ହାରରେ ବଢ଼ିଛି । ଅକ୍ସଫାମ'ର କହିବା ଅନୁସାରେ ୨୦୨୦ପରଠୁ *(ପୃଷ୍ଠା ୭ରେ)*

# ପ୍ରାସଙ୍ଗିକତା ହରାଉଛି ଜାତିସଂଘ: ଜୟଶଙ୍କର

**ନାଗପୁର, ୧୫।୧**

ଜାତିସଂଘର ପ୍ରାସଙ୍ଗିକତା ହ୍ରାସ ପାଉଛି। ବିଶ୍ୱର ୫ଟି ଦେଶର ନିୟନ୍ତ୍ରଣ କମୁଥିବାରୁ ଏଭଳି ସ୍ଥିତି ହୋଇଛି । ଏହି ୫ଟି ଦେଶ ମଧ୍ୟରୁ କେତୋଟି ଦେଶ ବିଶ୍ୱର ବଡ଼ ଆର୍ଥିକ ଶକ୍ତି ହୋଇ ରହିନାହାନ୍ତି । ଅନ୍ୟପକ୍ଷରେ ଗତ ଦଶନ୍ଧିରେ ଭୌଗୋଳିକ ଏବଂ ରାଜନୈତିକ କ୍ଷେତ୍ରରେ ଭାରତର ନାଟକୀୟ ଉନ୍ନତି ହୋଇଛି। ଇରାନ ସମର୍ଥିତ ହୁତି ମିଲିସିଆ ଉପରେ ଆମେରିକା ଓ ବ୍ରିଟେନର ମିଳିତ ଆକ୍ରମଣ ପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ନାଗପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି।

କୋଭିଡ୍-୧୯ କୂଟନୀତି ଏବଂ ଜି-୨୦




ସମ୍ମିଳନୀର ସଫଳ ଆୟୋଜନ ସହିତ ଋଷ-ୟୁକ୍ରେନ ଯୁଦ୍ଧ ଭିତରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ଗୁରୁତ୍ୱ ବଢ଼ିଛି । ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗରେ ନୂଆଦିଲ୍ଲୀ ସହ ବିଚାରବିମର୍ଶ କରାଯାଉଛି ବୋଲି ଜୟଶଙ୍କର କହିଛନ୍ତି। ଭାରତ-ଚୀନ ସଂପର୍କରେ ସେ କହିଛନ୍ତି, ଗୋଟିଏ ପଟେ ସୀମାରେ ସଂଘର୍ଷ *(ପୃଷ୍ଠା ୭ରେ)*

# ଚୀନ ଉପରେ ମୁଣ୍ଡ ନୂଆଇଁଲା ୱାଶିଂଟନ, ତାଇୱାନ ସ୍ୱାଧୀନତାକୁ ସମର୍ଥନ କରୁନି ଆମେରିକା

**ୱାଶିଂଟନ, ୧୫।୧**

ଆମେରିକାର କୁଟିଳ କୂଟନୀତିର ଆଉ ଏକ ଉଦାହରଣ ସାମ୍ନାକୁ ଆସିଛି । ତାଇୱାନ ରାଷ୍ଟ୍ରପତି ନିର୍ବାଚନରେ ଚୀନ ବିରୋଧୀ ନେତା ୱିଲିୟମ ଲାଇ ଚିଙ୍ଗ-ତେଙ୍କ ବିଜୟ ପରେ ଆମେରିକା ନିଜ ନୀତିରେ ବିରାଟ ପରିବର୍ତ୍ତନ କରିଛି। ଏହି ଦେଶ ତାଇୱାନକୁ ସବୁଠାରୁ ବଡ଼ ଧୋକା ଦେଇଛି। ତାଇୱାନ ସ୍ୱାଧୀନତାକୁ ଆମେରିକା ସମର୍ଥନ କରୁନାହିଁ ବୋଲି ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି। ଏହା ପୂର୍ବରୁ ବାଇଡେନ ଅନେକ ଥର ତାଇୱାନ ସମର୍ଥନରେ ମନ୍ତବ୍ୟ ଦେଇଥିଲେ।

ସେ ୨୦୨୦ରେ ଏହାର ବିପରୀତ ଘୋଷଣା କରିଥିଲେ। ଚୀନ ଆକ୍ରମଣ କଲେ



ଆମେରିକା ତାଇୱାନର ସ୍ୱାଧୀନତାକୁ ସୁରକ୍ଷା ଦେବ ବୋଲି କହିଥିଲେ। ଏବେ ଚୀନ ଉପରେ ଆମେରିକା ନିଜ ବୈଦେଶିକ ନୀତି ପରିବର୍ତ୍ତନ କରିଛି ବୋଲି କୁହାଯାଉଛି । ଏହାର ଦିନକ ତଳେ ତାଇୱାନ ରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଥିଲା। ଏଥିରେ କ୍ଷମତାସୀନ ଡେମୋକ୍ରାଟିକ ପ୍ରୋଗ୍ରେସିଭ ପାର୍ଟି (ଡିପିପି)ର ରାଷ୍ଟ୍ରପତି ପ୍ରାର୍ଥୀ ୱିଲିୟମ ଲାଇ ବିଜୟ ହୋଇଥିଲେ। ସେ ଚୀନର ଦୃଢ଼ ବିରୋଧୀ ଏବଂ ତାଇୱାନ ସ୍ୱାଧୀନତାର ବଡ଼ ସମର୍ଥକ ଭାବେ ପରିଚିତ। ତାଙ୍କ ବିଜୟ ଉପରେ ପ୍ରତିକ୍ରିୟା *(ପୃଷ୍ଠା ୭ରେ)*

# ଟ୍ରେନ୍‌ରେ ମୋବାଇଲ୍-ଲାପଟପ୍ ବ୍ୟତୀତ ଅନ୍ୟ ଜିନିଷ ଚାର୍ଜ କଲେ ଜେଲଦଣ୍ଡ !

**ନୂଆଦିଲ୍ଲୀ, ୧୫।୧**

ସମସ୍ତେ ପ୍ରାୟତଃ ଟ୍ରେନ ଯାତ୍ରା କରନ୍ତି। ଏହି ସମୟରେ ଅନେକ ଅତ୍ୟାବଶ୍ୟକ ଜିନିଷର ଆବଶ୍ୟକତା ପଡିଥାଏ। ଖାସ୍ କରି ଇଲେକ୍ଟ୍ରିକ ଜିନିଷରେ ନଜର କରିଥିବେ। ଟ୍ରେନ୍‌ରେ ଇଲେକ୍ଟ୍ରିକ ଜିନିଷ ପାଇଁ ରହିଥାଏ ଚାର୍ଜର ପଏଣ୍ଟ । କିନ୍ତୁ ଟ୍ରେନ୍‌ରେ ଫୋନ ଆଉ ଲାପଟପ ଚାର୍ଜ ବ୍ୟତୀତ ଅନ୍ୟ କିଛି ଜିନିଷ ଚାର୍ଜ କଲେ ଆପଣ ଅଡୁଆରେ ପଡିପାରନ୍ତି।

ଅନେକ ଲୋକ ଅଛନ୍ତି ଟ୍ରେନ୍‌ରେ ଶୀତରୁ ରକ୍ଷା ପାଇବା ପାଇଁ ହିଟର ଲଗାଇ ଦିଅନ୍ତି ତ ଆଉ କିଏ ହେୟାର ଡ୍ରାୟର ଭଳି ଜିନିଷ ବ୍ୟବହାର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଶ୍ରୀକ୍ଷେତ୍ର ପ୍ରକଳ୍ପକୁ ନେଇ
ତେଜୁଅଛି ରାଜନୀତି
ଏବେ ଆଉ କେଁ କେଁ କଲେ
ହେବ କି କୁଆଡେ ଗତି
ଠିକ୍ କରି ନିଜ ମତି
ଠାକୁରଙ୍କ ପାଖକୁ ଯାଇ
ଦେଖାଇବା କଥା ଭକ୍ତି।

# 'ପ୍ରେମ ଅନ୍ଧ' କାହିଁକି ? ବୈଜ୍ଞାନିକ ଦର୍ଶାଇଲେ କାରଣ !




**ୱାଶିଂଟନ, ୧୫।୧**

ଏକ ଲୋକ କଥା ରହିଛି 'ପ୍ରେମ ଅନ୍ଧ'। କୁଆଡ଼େ ପ୍ରେମ ହେଲେ ମଣିଷ ଅନ୍ଧ ହୋଇଯାଏ, ଚିତ୍ତ-ବୁଦ୍ଧି ସବୁ ଶୂନ୍ୟ କରି ପ୍ରେମ ବାଟରେ ଚାଲେ। ପ୍ରକୃତରେ ଯଦି ଏପରି କିଛି ଅନୁଭବ କରିଛନ୍ତି, ତେବେ ଏହାର କାରଣ କ'ଣ ? ପ୍ରେମ ହେଲେ ମଣିଷ କାହିଁକି ଅନ୍ଧ ହୋଇଯାଏ ? ତା'ର ବୈଜ୍ଞାନିକ କାରଣ ଉନ୍ମୋଚନ ହୋଇଛି।

ଆମେ ଜାଣିଛେ ଯେ, ରୋମାଣ୍ଟିକ୍ ଲଭ ମସ୍ତିଷ୍କକୁ ପରିବର୍ତ୍ତନ କରିଥାଏ, ପ୍ରେମ ହେଲେ ତଥାକଥିତ ଲଭ ହରମନ ଅକ୍ସିଟୋସିନ ମୁକ୍ତ ହୁଏ, ଏହା ପ୍ରେମରେ ପଡ଼ିବା ସମୟରେ ଆମେ ଅନୁଭବ କରୁଥିବା ଇଉଫୋରିଆ (ଖୁସି-ଉତ୍ସାହ) କାରଣରୁ ହୋଇଥାଏ।

କିନ୍ତୁ ପ୍ରଥମ କରି ଅଷ୍ଟ୍ରେଲୀୟ ବୈଜ୍ଞାନିକମାନେ କିପରି ଆମ ମସ୍ତିଷ୍କର ଏକ ଅଂଶ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରେମରେ ପକାଏ ତାର ଅନୁଧ୍ୟାନ କରିଛନ୍ତି । ଅଷ୍ଟ୍ରେଲିଆ ନ୍ୟାସନାଲ ୟୁନିଭରସିଟି, କାନବେରା ୟୁନିଭରସିଟି ଏବଂ ଦକ୍ଷିଣ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀମାନେ ଏହି ଅନୁଧ୍ୟାନ କରିଛନ୍ତି। ବୈଜ୍ଞାନିକମାନଙ୍କର ଏକ ଟିମ ମାନବ ମସ୍ତିଷ୍କର ବିହେଭରାଲ (ଆଚରଣ) ଆକ୍ଟିଭେସନ ସିଷ୍ଟମ ଏବଂ ରୋମାଣ୍ଟିକ ଲଭ ମଧ୍ୟରେ ଥିବା ଲିଙ୍କ *(ପୃଷ୍ଠା ୭ରେ)*

# ଟେଷ୍ଟ ଆଟ୍‌ଲାସ୍‌ରେ ବିଶ୍ୱ ମାନ୍ୟତା ଭାରତୀୟ ବାସୁମତି ଶ୍ରେଷ୍ଠ

**ନୂଆଦିଲ୍ଲୀ, ୧୫।୧**

ଭାରତୀୟ ବାସୁମତି ଚାଉଳକୁ ବିଶ୍ୱର ଶ୍ରେଷ୍ଠ ଚାଉଳ ମାନ୍ୟତା ମିଳିଛି। ଲୋକପ୍ରିୟ ଖାଦ୍ୟ ବିଶ୍ଳେଷଣକାରୀ ସଂସ୍ଥା ଟେଷ୍ଟ ଆଟଲାସ ପକ୍ଷରୁ ବାସୁମତି ଚାଉଳକୁ ବର୍ଷ ୨୦୨୩-୨୪ ପାଇଁ ବିଶ୍ୱର ସର୍ବୋତ୍ତମ ଚାଉଳ ମାନ୍ୟତା ପ୍ରଦାନ କରାଯାଇଛି। ନିକଟରେ ଏହି ସଂସ୍ଥା ବିଶ୍ୱର ୧୦୦ ଶ୍ରେଷ୍ଠ ବ୍ୟଞ୍ଜନ ତାଲିକାରେ ଭାରତକୁ ୧୧ ତମ ସ୍ଥାନରେ ରଖିଥିଲା। ଏବେ ଭାରତର ବାସୁମତି ଚାଉଳକୁ ଟେଷ୍ଟ ଆଟଲାସ ଦୁନିଆର ସବୁଠାରୁ ଭଲ ଚାଉଳ ବୋଲି କହିଛି।

ସୁଗନ୍ଧିତ ବାସୁମତି ଚାଉଳ ଶତାବ୍ଦୀ ଧରି ଭାରତୀୟ ଉପମହାଦେଶୀୟ ହିମାଳୟ




ପାଦଦେଶର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଉତ୍ପାଦନ ହୋଇ ଆସୁଛି । ଭାରତ ସମେତ ପାକିସ୍ତାନରେ ମଧ ଏହି ଚାଉଳ ଉତ୍ପାଦନ କରାଯାଉଛି । ଏହାର ସ୍ୱାଦ ଓ ସୁଗନ୍ଧ ହେଉଛି ଏହି ଚାଉଳର ସ୍ୱତନ୍ତ୍ରତା। ଭାରତରେ ୩୪ ପ୍ରକାରର ବାସୁମତି ଚାଉଳ ଉତ୍ପାଦନ କରାଯାଇଥାଏ। ଏଥିରେ ବାସୁମତି ୨୧୭, ବାସୁମତି ୩୭୦, *(ପୃଷ୍ଠା ୭ରେ)*

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଜାନୁଆରୀ ୨୦୨୪ ମଙ୍ଗଳବାର







# ଅନୁଗୁଳରେ ହରିବୋଲ, ହୁଳହୁଳିରେ କମ୍ପୁଛି ଗାଁ ଦାଣ୍ଡ



ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ କରାଯିବ। ଏଥିପାଇଁ 'ଜୟ ଜଗନ୍ନାଥ ଅର୍ପଣ ରଥ' ମାଧ୍ୟମରେ ଘରୁ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ରଥ ବୁଲିବା ବେଳେ ଏଥିପାଇଁ ଲୋକମାନଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଲୋକମାନେ ଠାକୁରଙ୍କ ପାଇଁ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରି ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ଏପଟେ ନାମ ସଂକୀର୍ତ୍ତନ ଓ ପାରମ୍ପରିକ ନୃତ୍ୟଗୀତ ଭିତରେ ଏହି ରଥ ଗାଁରୁ ସହର ବୁଲୁଥିବାରୁ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଅନୁଗୁଳ ଜିଲ୍ଲା ବଣ୍ଟଁରପାଳ ବ୍ଲକର ତୁଳସୀପାଳ, ବନ୍ଧ, ବଣ୍ଟଁରପାଳ, ବଉଳିଗଡ଼, ଫୁଲପଡ଼ା, ତଳମୂଳଶାସନ, ଭୋଗବେରେଣୀ, ମହାଧରପୁର, ଜରାସିଂହା ଆଦି ପଞ୍ଚାୟତରେ ଏହି ଅର୍ପଣ ରଥ ପରିକ୍ରମା କରିଛି। ତାଳଚେର ବ୍ଲକ୍ ବ୍ରଜନାଥପୁର ଓ କିଶୋରନଗର ବ୍ଲକ୍‌ର ଲୁହାମୁଣ୍ଡା ଓ ଧଡ଼ରାପାଳ ପଞ୍ଚାୟତରେ ବିଭିନ୍ନ ଗାଁକୁ ଏହି ରଥ ଯାଇଥିବା ବେଳେ ସବୁଠି ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଜନ, କୀର୍ତ୍ତନ କରି ରଥକୁ ଗାଁକୁ ପାଛୋଟି ନେଇଥିଲେ ଶ୍ରଦ୍ଧାଳୁ । ରଥ ସମ୍ମୁଖରେ ପାରମ୍ପରିକ ନୃତ୍ୟଗୀତ ସହ ଜୟ ଜଗନ୍ନାଥ ଧ୍ୱନି ଦେଇ ଶହ ଶହ ଜଗନ୍ନାଥପ୍ରେମୀ ରଥ ଆଗରେ ଯାଉଥିଲେ । ହରିବୋଲ, ହୁଳହୁଳି ଓ କରତାଳିରେ ଗାଁ ଦାଣ୍ଡ କମ୍ପିଥିଲା। ରଥ ଗାଁ ପରିକ୍ରମା କରୁଥିଲାବେଳେ ଲୋକମାନେ ଅତି ଆଗ୍ରହ ସହକାରେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ଜଗନ୍ନାଥଙ୍କ ପାଖରେ ଏହା ଲାଗିବ ବୋଲି ଶ୍ରଦ୍ଧାଳୁମାନେ ଅତି ଉତ୍ସାହର ସହିତ ଏହା ପ୍ରଦାନ କରୁଥିଲା ବେଳେ ଗାଁ ଦାଣ୍ଡରେ ଝୋଟି ଚିତା ପକାଇ ରଥକୁ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟାୟକ୍ରମେ ଏହି ରଥ ପ୍ରତି ପଞ୍ଚାୟତରେ ବୁଲିବ। ଏଥିପାଇଁ ଅନୁଗୁଳ ଜିଲ୍ଲାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି।

ପୌରାଞ୍ଚଳରେ ଅର୍ପଣ ରଥ ପରିକ୍ରମା କରିଛି। ପ୍ରଥମ ଦିନରେ ପୌରାଞ୍ଚଳର ଶିମିଳିପଡ଼ା, ଶିକ୍ଷକପଡ଼ା ଓ ମଦନମୋହନପଡ଼ା ଇଲାକା (ୱାର୍ଡ- ୧, ୧୭, ୨୨ ଓ ୨୩) ପରିକ୍ରମା କରିଥିଲା ରଥ। ଦୁଇଟି ରଥର ବ୍ୟବସ୍ଥା କରାଯାଇଥିଲା। ଏହି ଭ୍ରାମ୍ୟମାଣ ରଥରେ ଜଗନ୍ନାଥଙ୍କ ଭଜନ ଓ ଜଣାଣ ବାଜିବା ସହ ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ସାମିଲ୍ ହୋଇଥିଲେ । ଦୁଆର ମୁହଁରେ ମୁରୁଜ ଓ ଚିତା ପକାଇ ରଥକୁ ସ୍ୱାଗତ କରିବା ସହ ପୁରୁଷ ଓ ମହିଳାମାନେ ହରିବୋଲ, ହୁଳହୁଳି ପକାଇଥିଲେ। ମହିଳାମାନେ ଶୁଦ୍ଧପୂତ ଭାବେ ଅକ୍ଷତ ଅରୁଆ ଚାଉଳ, ନଡ଼ିଆ ଓ ଟଙ୍କା ପ୍ରଦାନ କରିଥିଲେ। ରଥ ପରିକ୍ରମା ବେଳେ ମହିଳାଙ୍କ ସମେତ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ପ୍ରମୁଖଙ୍କ ସମେତ କାଉନ୍‌ସିଲର୍ ସୁକାନ୍ତି ଦାସ, ସୂର୍ଯ୍ୟସ୍ନାତା ସାହୁ, କୈଳାସ ଚନ୍ଦ୍ର ମୋଦି, ବିବେକ ବିଶ୍ୱକର୍ମା, ଅନିଲ୍ ଅଗ୍ରୱାଲା, ବିଶ୍ୱ ରଂଜନ ସାହୁ ପ୍ରମୁଖଙ୍କ ସମେତ ପୌର କର୍ମଚାରୀ ଅଟଳ ବିହାରୀ ଦେବତା, ପ୍ରଦୀପ ସାହୁ, ଦିଲ୍ଲୀପ ସାହୁ, ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।







''ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ''- ଏହି ଶ୍ଳୋକର ଅର୍ଥ ଅତି ବ୍ୟାପକ ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରେମୀ, ଶ୍ରଦ୍ଧାଳୁ, ଭକ୍ତଗଣଙ୍କର ଏହା ହେଉଛି ପ୍ରାର୍ଥନାର ମୂଳ ଆଧାର, ଗଳାର ମାଳି ସଦୃଶ।

ଶ୍ରୀକ୍ଷେତ୍ର ଧାମର ଅନେକ ନାମ ଭିତରୁ ନୀଳାଚଳ ହେଉଛି ଅନ୍ୟତମ। ଯେଉଁ ପବିତ୍ର ସ୍ଥାନରେ ମହାପ୍ରଭୁ ଅବସ୍ଥାନ କରନ୍ତି ଓ ଚଳାଚଳ କରନ୍ତି, ନିଇତି ଭକ୍ତ ଗଣଙ୍କୁ ଦର୍ଶନ ବି ଦିଅନ୍ତି। କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥ ନୁହଁନ୍ତି, ତାଙ୍କ ସହିତ ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ବି' ଏକାଠି ଗୋଟିଏ ଆସ୍ଥାନରେ ଉପବିଷ୍ଟ ରହିଥାନ୍ତି, ଯାହାକୁ କି ରତ୍ନବେଦୀ ବା ରତ୍ନସିଂହାସନ ବୋଲି ଅଭିହିତ କରାଯାଇଆସୁଅଛି। ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତଗଣ ସେଇ ରତ୍ନ ସିଂହାସନରେ ତିନିଠାକୁର ବସିଥିବା ବେଳେ ଦେଖିଲେ କି ଦର୍ଶନକଲେ ସେହି ଅପୂର୍ବ ଶୋଭାରେ ଆତ୍ମବିଭୋର ହୋଇଥାନ୍ତି, କୃତାର୍ଥ ହୋଇଥାନ୍ତି, ଆଉ ଜୀବନକୁ ଧନ୍ୟ ମଣିଥାନ୍ତି। ଶ୍ରୀକ୍ଷେତ୍ରକୁ ଆସି ଶ୍ରୀମନ୍ଦିରକୁ ଯିବା ଓ ମହାପ୍ରଭୁଙ୍କର ଦର୍ଶନ କରିବା ସହ ମନ୍ଦିର ବେଢା ବୁଲିବାରେ କୋଟି ଜନ୍ମର ପୁଣ୍ୟ ଅନ୍ତଃର୍ନିହିତ ବୋଲି କୋଉ କାଳରୁ ଶ୍ରଦ୍ଧାଳୁ, ଭକ୍ତଙ୍କର ଗଭୀର ବିଶ୍ୱାସ ଓ ଧାରଣା ରହିଆସିଛି।

ଏବେ ଦୀର୍ଘବର୍ଷ ପରେ ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ପ୍ରଥମ ଥର ପାଇଁ ଶ୍ରଦ୍ଧାଳୁ, ଭକ୍ତ ତଥା ଶ୍ରୀଜଗନ୍ନାଥପ୍ରେମୀଙ୍କ ସମେତ ସାରା ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଭଳି ପବିତ୍ର କାର୍ଯ୍ୟକ୍ରମକୁ ବାସ୍ତବରୂପ ଦେବା ପାଇଁ ନିଷ୍ଠା ଓ ଭକ୍ତିର ସହ ପ୍ରୟାସ କରିଥିବାରୁ ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଉଛି। ମହାପ୍ରଭୁଙ୍କର ଶୃଙ୍ଖଳିତ ଦର୍ଶନ ଓ ଭକ୍ତମାନଙ୍କର ସୁରକ୍ଷାପ୍ରତି ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ଦିନକ ପରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'କୁ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିବେ। ଏହାକୁ ଦେଖିବାଲାଗି ସମସ୍ତେ ବ୍ୟଗ୍ର ହୋଇ ପଡିଲେଣି। ଏବେ ସମସ୍ତେ ସେଇ ଶୁଭ ମୁହୂର୍ତ୍ତକୁ ଅନେଇ ଶ୍ରୀଜଗନ୍ନାଥ ଶ୍ରୀଜଗନ୍ନାଥ ଡାକି ଚାଲିଛନ୍ତି।

# ଦେବଗଡ଼ ଜିଲ୍ଲାରେ ସୃଷ୍ଟି ହେଲା ଆଧାତ୍ମିକ ପରିବେଶ



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖ ଦିନ ଲୋକାର୍ପଣ ହେବ । ଶ୍ରୀଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦେବଗଡ ଜିଲ୍ଲାର ବ୍ଲକ, ପଞ୍ଚାୟତ ଓ ୱାର୍ଡରେ ବୁଲିଛି ଅର୍ପଣ ରଥ। ଏହି ରଥ ପରିକ୍ରମାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରତି ଗାଁରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଭବ୍ୟ ରଥ ରିଆମାଳ, ବାରକୋର୍ଟ, ପଞ୍ଚାସମିତି କଣ୍ଟାପାଲି, ସୁଗୁଡା, ଗୁଣ୍ଡିଆପାଲି, ବୁଢାପାଲ ପ୍ରଭୃତି ଇଲାକାରେ ପରିକ୍ରମା କରିବା ସମୟରେ ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ମାଧରେ ଅର୍ପଣ ରଥକୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜଗନ୍ନାଥପ୍ରେମୀ ଭକ୍ତମାନେ ଅର୍ପଣ ରଥକୁ ସ୍ୱାଗତ କରିବା ସହ ଗାଁ ଦାଣ୍ଡରେ ଚିତା, ଝୋଟି, କଳସ ପ୍ରଭୃତି ମାଧ୍ୟମରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସହ ସହ ସଂଖ୍ୟାରେ ଆବାଳବୃଦ୍ଧବନିତା ସମବେତ ହୋଇ ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ଏହି ସମୟରେ ପ୍ରତିଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ତେବେ ଜଗନ୍ନାଥଙ୍କ ପ୍ରେମରେ ବିଭୋର ହୋଇ ଅଧିକାଂଶ ସ୍ଥାନରେ ଭକ୍ତମାନେ ନିଜ ଇଛାରେ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରୁଥିବା ଲକ୍ଷ୍ୟ କରାଯାଇଥିଲା। ବିଭିନ୍ନ ସଂଗ୍ରହିତ ଅରୁଆ ଚାଉଳ ଓ ଗୁଆକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀକୁ ପଠାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି।

# ବରଗଡ଼ରେ 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ଦାଣ୍ଡ

ଭେଡେନବ୍ଲକର ତାଲମେଣ୍ଡା ଗ୍ରାମପଞ୍ଚାୟତର ତାଲମେଣ୍ଡା ଜଗନ୍ନାଥ ମନ୍ଦିର ଠାରେ ତାଲମେଣ୍ଡା ଗ୍ରାମପଞ୍ଚାୟତ ତରଫରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ ପାଇଁ ମହାପ୍ରଭୁଙ୍କ ଅର୍ପଣ ରଥ ପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ବିଧାୟିକା ଶ୍ରୀମତୀ ସ୍ନେହାଂଗିନୀ ଛୁରିଆ ନଡିଆ ଭାଙ୍ଗି ଶୁଭ ଉଦଘାଟନ କରିଥିଲେ। ଶହ ଶହ ମହିଳାଙ୍କ ହରିବୋଲ ହୁଳହୁଳି, ଶଂଖ ଧ୍ୱନି, ଜୟ ଜଗନ୍ନାଥ ଧ୍ୱନିରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ଭବ୍ୟ କଳସ ଶୋଭାଯାତ୍ରା ସହ ଗାଁ ପରିକ୍ରମା କରିଥିଲେ ।। ବିଧାୟିକା ଶ୍ରୀମତୀ ଛୁରିଆ ଘରକୁ ଘର ବୁଲି ଭକ୍ତିର ସହ ଅର୍ପଣ କରୁଥିବା ଚାଉଳ ଓ ଗୁଆକୁ କଳସରେ ସଂଗ୍ରହ କରିଥିଲେ। ଗାଁରେ ଏକ ଭକ୍ତି ଓ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ସଂକୀର୍ତ୍ତର ତାଳେ ତାଳେ ଆବାଳବୃଦ୍ଧ ବନିତା ନାଚି ନାଚି ଗାଁ ପରିକ୍ରମା କରିଥିଲେ ।। ଏହି ପରିକ୍ରମା ପ୍ରକଳ୍ପରେ ବରିଷ୍ଠ ନେତା ରାଜେନ୍ଦ୍ର ପ୍ରଧାନ, ଅଶୋକ ନାଏକ, ବିଜୟ ଭୋଇ, ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରା, ଭେଡେନ ବ୍ଲକ ବିଡିଓ ତ୍ରିପୁରା ମହାନନ୍ଦ, ଏବିଡି ପ୍ରିତିଶ ଦୋରା, ପିଇଓ ପ୍ରବୋଦ ଦାଶ, ଜିଆରଏସ୍ କହ୍ନେଇ ମେହେର, ଜିବିକା ମିଶନ ଅଲ୍ଲି ପଧାନ ପ୍ରମୁଖ ଯୋଗଦାନ କରିଥିଲେ। ବିଧାୟିକା ଶ୍ରୀମତୀ ଛୁରିଆ ଏ ଭବ୍ୟ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।।







# ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଜାତୀୟ ଗୁଣବତ୍ତା ପୁରସ୍କାର ପ୍ରଦାନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**



ଚଳିତବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଜାତୀୟ ଗୁଣବତ୍ତା ପୁରସ୍କାର ପ୍ରଦାନ କରାଯାଇଛି। ଏଥି ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଉତ୍ସବ ଆୟୋଜନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଡା ପ୍ରଫୁଲ୍ଲ ନନ୍ଦ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଡା ଅନିଲ ମିଶ୍ର, ଏଡିପିଏଚଓ ( ସ୍ୱାସ୍ଥ୍ୟ କଲ୍ୟାଣ), ଡା ବ୍ରଜବନ୍ଧୁ ଦାସ, ଏଡିପିଏଚଓ (ଭିବିଡି), ଡା ଧନେଶ୍ୱର ମହାପାତ୍ର, ହସ୍ପିଟାଲ ମ୍ୟାନେଜର ଶଶାଙ୍କ ଶେଖର ପଣ୍ଡିତ୍ରା ଓ ଡେପୁଟି ନର୍ସିଂ ସୁପେରିଟେଣ୍ଡେଣ୍ଟ ରୁକ୍ମଣୀ ନାୟକ ଏଥିରେ ଉପସ୍ଥିତ ଥିଲେ। ଏହି ସଫଳତାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଳ ସିଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଥିବାରୁ ନିଜର ଖୁସି ବ୍ୟକ୍ତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ୨୪ ଜୁଲାଇରୁ ୨୬ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ହାଇଦ୍ରାବାଦ ଓ କଲିକତାରୁ ଆସିଥିବା ଜାତୀୟ ସ୍ତରର ପର୍ଯ୍ୟବେକ୍ଷକ ସମୁଦାୟ ୧୯ଟି ବିଭାଗ ବୁଲି ଦେଖିଥିଲେ। ଏହି ପର୍ଯ୍ୟବେକ୍ଷକ ଦଳରେ ଡାକ୍ତର ଶିଶିର ନସ୍କାର, ଡାକ୍ତର ଭି.କେ. ଶର୍ମା ଏବଂ ଡାକ୍ତର ଜଶୁଆ ଅଭିଷେକ ମୁଖ୍ୟ ଡାକ୍ତରଖାନାର ୧୯ଟି ବିଭାଗକୁ ପର୍ଯ୍ୟବେକ୍ଷଣ କରି ଶତକଡ଼ା ୮୮ ପ୍ରତିଶତ ମାର୍କ ପ୍ରଦାନ କରିଥିଲେ। ଏହା ସହ ୧୧ ଜାନୁଆରୀ ୨୦୨୪ରେ ଏନକ୍ୟୁଏଏସ୍ ପ୍ରମାଣପତ୍ର ପ୍ରେରଣ ନିମନ୍ତେ ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ଅନୁମତି ପ୍ରଦାନ କରିଥିଲେ। ଏହି ଉତ୍ସବରେ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଦୁଇଦିନିଆ ବାଲେଶ୍ୱର ଗସ୍ତ ସାରି ଫେରିଲେ ରେଳମନ୍ତ୍ରୀ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଦୁଇଦିନିଆ ମାରାଥନ ଗସ୍ତ ସାରି ନୂଆଦିଲ୍ଲୀ ଫେରି ଯାଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବାଲେଶ୍ୱର ପୂର୍ବତନ ଲୋକପ୍ରିୟ ଜିଲ୍ଲାପାଳ ଆଉ ଏବର ଜାତୀୟ ରାଜନୀତିର ଅନ୍ୟତମ କର୍ଣ୍ଣଧାର ତଥା ପ୍ରଗତିଶୀଳ ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କର ଏହି ଗସ୍ତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ରାଜନୈତିକ ଦୃଷ୍ଟିକୋଣରୁ। ତାଙ୍କର ସବୁଜ ସଂକେତ ପାଇ ନୀଳଗିରିରୁ ବାଲେଶ୍ୱର ରେଳରୁଟ୍‌ରେ ୭୦ ବର୍ଷରୁ ଉର୍ଦ୍ଧ୍ୱ କାଳ ପରେ ଗଡିଲା ପ୍ରଥମ ଯାତ୍ରୀବାହୀ ମେମୁ ଟ୍ରେନ। ସେହି ରୁଟର ଗୋପିନାଥପୁର ଓ ସୁତେଇ ରେଳ ଷ୍ଟେସନ ଲୋକାର୍ପିତ ହେଲା। ଆଉ ସେ ଘୋଷଣା କଲେ ଖନ୍ତାପଡା ଷ୍ଟେସନ ରାସ୍ତାରେ ଉଡନ୍ତା ପୋଲ ନିର୍ମାଣ ସହିତ ନୀଳଗିରିରୁ ବେତନଟିକୁ ନୂତନ ରେଳପଥ ନିର୍ମାଣ ପାଇଁ ସର୍ଭେ ଆରମ୍ଭ ହେବ। ନୀଳଗିରିରେ ବିଶାଳ ଜନସଭାକୁ ସମ୍ବୋଧିତ କରି ସେ ମୋଦି ସରକାରର ବଚନବଦ୍ଧତାର ଗୁଣଗାନ କଲେ। ଶନିବାରର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ପରେ ରବିବାର ମଧ ରେଳ ମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସକାଳେ ବାଲେଶ୍ୱର ରେଳଷ୍ଟେସନର ପ୍ରବେଶ ଦ୍ୱାର ସାମ୍ନାରେ ଥିବା ଫୁଟ୍ ଓଭରବ୍ରିଜ୍ ଅବିଳମ୍ବେ ପୁନଃ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଷ୍ଟେସନର ନାମ ବାଲାଶୋର ପରିବର୍ତ୍ତେ ବାଲେଶ୍ୱର କରିବା ପାଇଁ ଘୋଷଣା କରିଥିଲେ। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅତ୍ୟାଧୁନିକ ତଥା ଜୀବନ ରକ୍ଷା ବ୍ୟବସ୍ଥା ସମ୍ବଳିତ ଆମ୍ବୁଲାନ୍ସ ହସ୍ତାନ୍ତର କରିଥିଲେ। ସହର ଉପକଣ୍ଠର ବାମପଦା ସ୍ଥିତ ଏମ୍ସରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସେ ଦଳୀୟ କାର୍ଯ୍ୟାଳୟରେ ତିନୋଟି ବୈଠକ ଯଥା ଜିଲ୍ଲା କୋର୍ କମିଟି ବୈଠକ, ଜିଲ୍ଲା ସାଂଗଠନିକ ବୈଠକ ଓ ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ଓ କର୍ମଶାଳାରେ ଉଦ୍‌ବୋଧନ ଦେଇଥିଲେ। ବୈଠକରେ ଆଗାମୀ ନିର୍ବାଚନର ରଣକୌଶଳ ଓ ସାଂଗଠନିକ ସମସ୍ୟା ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ଜିଲ୍ଲା ସଭାପତି ରମାକାନ୍ତ ମହାପାତ୍ର, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ଓ ପର୍ଶୁରାମ ବେହେରା, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ରାକେଶ ମଲ୍ଲିକ, ଅଂଶୁମାନ ମହାନ୍ତି, ମାନସ କୁମାର ଦତ୍ତ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦୀପ କୁମାର ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ବୃନ୍ଦମନୀଷା ଚିନ୍ମୟୀ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିଥିଲେ।

# ବାରିପଦା ଠାରେ ଆରବିଆଇ ପକ୍ଷରୁ ଆର୍ଥିକ ସଚେତନତା 'ୱାକାଥନ୍'




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜନସାଧାରଣଙ୍କ ମଧରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧୩ ତାରିଖ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ଷ୍ଟାଡିୟମ ପଡିଆ ଠାରେ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ 'ୱାକାଥନ୍' ଆୟୋଜିତ ହୋଇଯାଇଛି। ଏହି 'ୱାକାଥନ୍' କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଆରବିଆଇ ଜେନେରାଲ ମ୍ୟାନେଜର ଆଙ୍କିତା ପଟ୍ଟନାଏକ। ଏହି ପଦଯାତ୍ରା ଷ୍ଟାଡିୟମ ପଡିଆ ଠାରୁ ଆରମ୍ଭ ହୋଇ ଭଞ୍ଜପୁର, ଶିଶୁଉଦ୍ୟାନ ଦେଇ ଷ୍ଟାଡିୟମର କନ୍ଫରେନ୍ସ ହଲ୍ ଠାରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ଗୋଷ୍ଠୀ ଯଥା ଛାତ୍ର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। 'ୱାକାଥନ୍' ପରେ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ୍ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଇତ୍ୟାଦି ଉପରେ ଅଧିବେଶନ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଅନିତା ପଟ୍ଟନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ଅକ୍ଷୟ ସୁନିଲ୍ ଅଗ୍ରୱାଲ(ଭା. ପ୍ର. ସେ.). ସିଡିଓ ରଜନୀକାନ୍ତ ସ୍ୱାଇଁ, ବ୍ୟାଙ୍କ ଅଫ ଜୋନାଲ ମେନେଜର ରମେଶ ଚନ୍ଦ୍ର ଦାସ, ଏସଏଲବିସି ଏଜିଏମ ଲିଙ୍ଗରାଜ ନାୟକ, ରିଜର୍ଭ ବ୍ୟାଙ୍କ ତରଫରୁ ଜିଲ୍ଲା ଅଗ୍ରଣୀ ଅଧିକାରୀ ଉତ୍କଳ କୁମାର ସାହୁ, ପ୍ରବନ୍ଧକ ସନ୍ତୋଷ କୁମାର ମିଶ୍ର, ପ୍ରବନ୍ଧକ ରଶ୍ମି ରଞ୍ଜନ ସାହୁ, ସହାୟକ କ୍ଷୀରୋଦ କୁମାର ରାଉତ, ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିବ ପ୍ରସାଦ ଚୌଧୁରୀ ଏବଂ ନାବାର୍ଡ ଡିଡିଏମ ସ୍ମୃତି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶାର ବରପୁତ୍ର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବ୍ୟାସକବିଙ୍କ ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ ସଭାପତି ଜୀବନ ମହାପାତ୍ର, ସାଧାରଣ ସମ୍ପାଦକ ଡ ବିରାଜ ମୋହନ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ଛାତ୍ର ସଂଗଠନର ପ୍ରତିନିଧି ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରୀକ୍ଷେତ୍ରରେ ଏକ ...

ହୋଇଥିବା ବେଳେ ସମଗ୍ର ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଭଳି ଶ୍ରୀକ୍ଷେତ୍ରରେ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି। ସେ ଯଜ୍ଞସ୍ଥଳ, ଶ୍ରୀସେତୁ, ଶ୍ରୀମାର୍ଗ ଓ ଜଗନ୍ନାଥ ବଲ୍ଲଭ ଅଞ୍ଚଳ ବୁଲି ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି ।

### ୨୦୨୦ରୁ ଧନୀଙ୍କ...

ଏବେ ସୁଦ୍ଧା ପାଞ୍ଚ ବିଲିୟନ ଲୋକଙ୍କ ରୋଜଗାର କମିଛି ଏବଂ ଗରିବଙ୍କ ସଂଖ୍ୟା ବଢିଛି । ରିପୋର୍ଟ ଇନଇକ୍ୱାଲିଟି ଆଇଏନ୍‌ସି. ଶୀର୍ଷକରେ ସୋମବାର ଏକ ରିପୋର୍ଟ କରାଯାଇଛି। ଏଥିରେ କୁହାଯାଇଛି ଯେ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ୨୦୨୦ ପରେ ହାରାହାରି ୩.୩ ବିଲିୟନ ଡଲାର ଯାଏ ବଢିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ସମ୍ପତ୍ତିରେ ଏହି ବୃଦ୍ଧି ଏଭଳି ସମୟରେ ହୋଇଛି, ଯେତେବେଳେ ବୈଶ୍ୱିକ ଅର୍ଥବ୍ୟବସ୍ଥା ଅସ୍ଥିର ଥିଲା ଏବଂ କରୋନା ମହାମାରୀ ଯୋଗୁ ବି ଦୁନିଆ ପ୍ରଭାବିତ ରହିଥିଲା । ରିପୋର୍ଟରେ ଦୁନିଆରେ ବଢୁଥିବା ଆର୍ଥିକ ଅସମାନତା ଉପରେ ଚିନ୍ତା ପ୍ରକଟ କରାଯାଇଛି । ଯେଉଁ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ବଢିଛି ସେମାନଙ୍କ ମଧ୍ୟରେ ବର୍ନାର୍ଡ ଅର୍ନୋଲ୍ଟ, ଆମାଜନ ମୁଖ୍ୟ ଜେଫ ବେଜୋସ, ନିବେଶକ ୱାରେନ ବଫେ, ଓରାକଲର ସହ-ପ୍ରତିଷ୍ଠାତା ଲେରୀ ଏଲିସନ ଏବଂ ଟେସଲା ସିଇଓ ଏଲନ ମସ୍କଙ୍କ ନାଁ ସାମିଲ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ୨୨୯ ବର୍ଷ ଯାଏ ଗରିବୀକୁ ଦୁନିଆରୁ ଶେଷ କରାଯାଇ ପାରିବ ନାହିଁ । ଅକ୍ସଫାମ ଇଣ୍ଟରନ୍ୟାସନାଲର ଅନ୍ତରୀଣ ଏକ୍ସିକ୍ୟୁଟିଭ ନିର୍ଦ୍ଦେଶକ ଅମିତାଭ ବେହର କହିଛନ୍ତି ଯେ ଆମେ ବିଭାଜନ ଦଶନ୍ଧିକୁ ଦେଖୁଛୁ କୋଟି କୋଟି ଲୋକ ମହାମାରୀ, ଆର୍ଥିକ ଚିନ୍ତା, ଦରବୃଦ୍ଧି ଏବଂ ଯୁଦ୍ଧର ବିଭୀଷିକାର ଯନ୍ତ୍ରଣା ଭୋଗୁଛନ୍ତି । ଅନ୍ୟପଟେ ବିଲେନିୟୋରଙ୍କ ସମ୍ପତ୍ତିରେ ବୃଦ୍ଧି ଘଟୁଛି । ଏହି ଅସମାନତା ହଠାତ ଆସି ନାହିଁ । ବେହର ଅଭିଯୋଗ କହିଛନ୍ତି ଯେ କର୍ପୋରେଟ ଆଭିମୁଖ୍ୟ ଏବଂ ଏକାଧିକାରବାଦୀ ଶକ୍ତିଗୁଡିକ ଯୋଗୁ ଦୁନିଆରେ ଅସମାନତା ବଢିଛି। ରିପୋର୍ଟରେ କୁହାଯାଇଛି ଯେ ସାରା ଦୁନିଆର ଘରୋଇ ସେକ୍ଟର କମ ଟିକସ ହାର, ବ୍ୟବସ୍ଥାରେ ତ୍ରୁଟି ଏବଂ ଅପାରଦର୍ଶିତାକୁ ବଢାଉଛନ୍ତି। ଟ୍ୟାକ୍ସକୁ ନେଇ ନୀତି ନିର୍ଦ୍ଧାରଣ ହେଉଥିବା ଲବିଂରୁ ଟ୍ୟାକ୍ସ ହାରକୁ କମ ରଖାଯାଉଛି, ଯେଉଁଥି ପାଇଁ ସରକାରୀ ରାଜକୋଷକୁ କ୍ଷତି ସହିବାକୁ ପଡୁଛି । ଏହି ଟଙ୍କା ଗରିବଙ୍କ କଲ୍ୟାଣରେ ଖର୍ଚ୍ଚ ହୋଇପାରିଥାନ୍ତା।

### ପ୍ରାସଙ୍ଗିକତା ହରାଉଛି ...

ଏବଂ ଅନ୍ୟପଟେ ଉତ୍ତମ ବ୍ୟବସାୟ ଏକସଙ୍ଗରେ ଚାଲିପାରିବ ନାହିଁ । ପାରସ୍ପରିକ ରାଜିନାମା ଯଦି ଉଲ୍ଲଂଘନ ହୁଏ ତାହେଲେ ସଂପର୍କରେ ଉନ୍ନତି ଆସିବ ନାହିଁ। ଚୀନ ସହିତ କୂଟନୀତି ଜାରି ରହିଛି । କେତେକ ସମୟରେ ଜଟିଳ ପରିସ୍ଥିତିର ସମାଧାନ ତରବରିଆ ଭାବେ ଆସି ନଥାଏ। ଋଷ-ୟୁକ୍ରେନ ଯୁଦ୍ଧ ସ୍ଥିତିରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଆମକୁ ଋଷ ଠାରୁ ତେଲ କିଣିବାକୁ ମନାକଲେ, କିନ୍ତୁ ଆମେ ଦେଶରେ ତେଲ ମୂଲ୍ୟକୁ କମ ରଖିବା ପାଇଁ ଏହି ଦେଶଠାରୁ ତେଲ କିଣିଲୁ ।୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ଯେତେବେଳେ ଜାତିସଂଘକୁ ଯୋଗ ପ୍ରସଙ୍ଗ ନେଲେ ସେତେବେଳେ ଅଧିକାଂଶ ଭାବିପାରି ନଥିଲେ ଯେ ଯୋଗ ଦିନେ ମୁଖ୍ୟ ବିଷୟ ପାଲଟିବ। ଆବୁଧାବିରେ ସ୍ୱାମୀନାରାୟଣ ମନ୍ଦିର ଉଦ୍‌ଘାଟନ ଏବଂ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ୟୁଏଇର ରାଷ୍ଟ୍ରପତି ଯୋଗଦେବା ଭାରତର ଅନ୍ୟତମ କୂଟନୈତିକ ବିଜୟ ବୋଲି ଜୟଶଙ୍କର କହିଛନ୍ତି। ଏହାବ୍ୟତୀତ ଆମେରିକା ସହିତ ଭାରତର ଏବେ ଯେଉଁ ଦୃଢ଼ ସଂପର୍କ ରହିଛି ପୂର୍ବରୁ ତାହା କେବେ ନଥିଲା । ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରୁ ଦୁଇ ଦେଶର ସଂପର୍କରେ ଉନ୍ନତି ଆସିଥିଲା। ବର୍ତ୍ତମାନ ଆମେରିକା ଆମର ପ୍ରଯୁକ୍ତିଗତ କ୍ଷମତାକୁ ସ୍ୱୀକୃତି ଦେଉଛି ଏବଂ ଭାରତରେ ନିବେଶ କରିବାକୁ ମଧ୍ୟ ଉତ୍ସାହୀ ରହିଛି ବୋଲି ସେ କହିଛନ୍ତି । ମାଳଦ୍ୱୀପ ପ୍ରସଙ୍ଗରେ ଜୟଶଙ୍କର କହିଛନ୍ତି, ସେହି ଦେଶ ସହିତ ଆମେ ଦୃଢ଼ ସଂପର୍କ ସ୍ଥାପନ କରିବାକୁ ପ୍ରୟାସ ଜାରି ରଖିଛୁ। ରାଜନୈତିକ ସଂପର୍କରେ ଉତ୍ଥାନ ଓ ପତନ ହୋଇପାରେ। କିନ୍ତୁ ଭାରତ ପ୍ରତି ସେହି ଦେଶର ଲୋକଙ୍କ ସଂପର୍କ ଭଲ ରହିଛି। ସେମାନେ ଭାରତ ସହିତ ଦୃଢ଼ ସଂପର୍କର ଗୁରୁତ୍ୱକୁ ବୁଝିଛନ୍ତି ବୋଲି ଜୟଶଙ୍କର କହିଛନ୍ତି।

### ଚୀନ ଉପରେ ମୁଣ୍ଡ...

ଦେଇ ବାଇଡେନ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସୂଚନା ଅନୁଯାୟୀ ୧୯୭୯ ପର୍ଯ୍ୟନ୍ତ ଆମେରିକା ତାଇୱାନକୁ ଅସଲ ଚୀନ ମାନ୍ୟତା ଦେଇଥିଲା। ତାଇୱାନ ସହ କୂଟନୈତିକ ସମ୍ବନ୍ଧ ରଖିଥିଲା। ମାତ୍ର ରିଚର୍ଡ ନିକ୍ସନ କ୍ଷମତାକୁ ଆସିବା ପରେ ଚୀନ ସହ ଆମେରିକାର ସମ୍ବନ୍ଧ ସୁଧୁରିବାରେ ଲାଗିଥିଲା । ଏହା ପରେ ଆମେରିକା ତାଇୱାନ ବଦଳରେ ଚୀନ୍‌କୁ ମାନ୍ୟତା ଦେଇଥିଲା। କିନ୍ତୁ ତାଇୱାନକୁ ସମର୍ଥନ ଦେବା ଜାରି ରଖିଥିଲା । ଏବେ ଆମେରିକା ଏବଂ ତାଇୱାନ ମଧ୍ୟରେ ଅନୌପଚାରିକ ସମ୍ବନ୍ଧ ରହିଛି। ୱାଶିଂଟନ ତାଇୱାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ମଧ୍ୟ କରୁଛି। ଗତ କିଛି ମାସ ହେଲା ତାଇୱାନକୁ ନେଇ ଚୀନ ଆମେରିକାକୁ ଧମକ ଦେଇଆସୁଛି।

### ଟ୍ରେନ୍‌ରେ ମୋବାଇଲ୍...

କରିବା ଆରମ୍ଭ କରି ଦିଅନ୍ତି। କିନ୍ତୁ ଜାଣନ୍ତି ଏହା ବିପଜ୍ଜନକ ହୋଇପାରେ। ଆଉ ଯଦି ଆପଣ ଏପରି କରୁଥିବା ବେଳେ ଦୋଷୀ ପ୍ରମାଣିତ ହୁଅନ୍ତି, ତେବେ ଆପଣଙ୍କୁ ଜେଲ୍‌ଦଣ୍ଡ ମଧ ଭୋଗିବାକୁ ପଡିପାରେ। ଏବେ ପ୍ରଶ୍ନ ଆସୁଛି ଯଦି ଟ୍ରେନରେ ମୋବାଇଲ ଏବଂ ଲାପଟପ ଚାର୍ଜ ହେବାର ସୁବିଧା ରହିଥାଏ, ତେବେ ଏଥିରେ ଆଉ କିଛି ଚାର୍ଜ ହୋଇପାରିବନି କାହିଁକି ? ବାସ୍ତବରେ ଟ୍ରେନରେ ୧୧୦ ଭୋଲ୍ଟ ଡିସିର ବ୍ୟବହାର କରାଯାଏ। ଯେଉଁଥିରେ କି ଅଧିକରୁ ଅଧିକ ମୋବାଇଲ ଏବଂ ଲାପଟପ ଚାର୍ଜ କରା ଯାଇପାରିବ । କିନ୍ତୁ ଅନେକ ସମୟରେ ଅଧିକ କିମ୍ବା କମ ଭୋଲଟେଜକୁ ଦୃଷ୍ଟିରେ ରଖି ଟ୍ରେନରେ ଲାପଟପ ଚାର୍ଜ ନକରିବା ପରାମର୍ଶ ଦିଆଯାଇଛି। କାରଣ ଲୋ ଭୋଲଟେଜ ଯୋଗୁଁ ଲାପଟପ ନଷ୍ଟ ହୋଇପାରେ। ଏଥିସହିତ ଯଦି ଟ୍ରେନରେ ହାଇ ଭୋଲଟେଜ ଇଲେକ୍ଟ୍ରୋନିକ ସାମଗ୍ରୀ ଚାର୍ଜ କରାଯାଏ, ତେବେ ସର୍ଟ ସର୍କିଟ ଏବଂ ଅଗ୍ନିକାଣ୍ଡ ହେବାର ସମ୍ଭାବନା ରହିଥାଏ । ଯେଉଁଥିପାଇଁ ଅନେକ ଯାତ୍ରୀଙ୍କ ଜୀବନ ମଧ ବିପଦରେ ପଡିପାରେ। ତେଣୁ ଏଥିପାଇଁ ଟ୍ରେନ୍‌ରେ ମୋବାଇଲ ଏବଂ ଲାପଟପ ବ୍ୟତୀତ ଅନ୍ୟ ଜିନିଷ ଚାର୍ଜ କରିବାକୁ ବାରଣ କରାଯାଇଛି । ବାସ୍ତବରେ ଗତବର୍ଷ ଅର୍ଥାତ ୨୦୨୩ରେ ରେଳବାଇ ରାତିରେ ଟ୍ରେନରେ ମୋବାଇଲ ଏବଂ ଲାପଟପ ଚାର୍ଜ କରିବାକୁ ମଧ ବାରଣ କରିଛି। ତେବେ ଯଦି କେହି ନିୟମ ଭାଙ୍ଗନ୍ତି ତେବେ ରେଲୱେ ଆକ୍ଟ ୧୪୭ ଅନୁସାରେ ମାମଲା ରୁଜୁ କରାଯାଇଥାଏ। ଏହି ଆକ୍ଟ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ନିଷେଧ ଜିନିଷ ବ୍ୟବହାର କରନ୍ତି, ତେବେ ତାଙ୍କୁ ୧ ହଜାର ଟଙ୍କା ଜରିମାନା ସହିତ ୬ ମାସ କିମ୍ବା ତାଠାରୁ ଅଧିକ କିମ୍ବା ଉଭୟ ଜରିମାନା ଓ ଜେଲଦଣ୍ଡ ଦିଆଯାଇପାରେ। ତେଣୁ ଟ୍ରେନ୍‌ରେ ମୋବାଇଲ ଏବଂ ଲାପଟପ ବ୍ୟତୀତ ଅନ୍ୟ କୌଣସି ଜିନିଷ ଚାର୍ଜ ନ କରିବାକୁ ପରାମର୍ଶ ଦିଆଯାଇଛି।

### ଟେଷ୍ଟ ଆଟ୍‌ଲାସ୍‌ରେ...

ଟାଇପି-୩(ଡେରାଡୁନୀ ବାସୁମତି), ପଞ୍ଜାବ ବାସୁମତି୧(ବଉନୀ ବାସୁମତି), ପୁସା ବାସୁମତି୧, କସ୍ତୁରୀ, ହରିୟାଣା ବାସୁମତି ୧, ମାହି ସୁଗନ୍ଧା, ତରୌରି ବାସୁମତି(ଏଚବିସି ୧୯/ କର୍ଣ୍ଣାଲ ଲୋକାଲ), ରଣବୀର ବାସୁମତି, ବାସୁମତି ୨୮୬ ଆଦି ରହିଛି। ଏଗ୍ରିକଲଚରାଲ ଆଣ୍ଡ ପ୍ରୋସେସଡ ଫୁଡ ପ୍ରଡକ୍ଟସ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି ଏପିଇଡିଏର ସୂଚନା ଅନୁଯାୟୀ, ଭାରତ ହେଉଛି ବିଶ୍ୱର ସବୁଠାରୁ ସର୍ବାଧିକ ବାସୁମତି ଚାଉଳ ରପ୍ତାନକାରୀ ରାଷ୍ଟ୍ର। ଭାରତରୁ ସାଉଦି ଆରବ, ଇରାନ, ଇରାକ, ୟୁନାଇଟେଡ ଆରବ ଏମିରେଟ ଏବଂ ୟେମେନ୍ ରିପବ୍ଲିକ୍‌କୁ ଚାଉଳ ରପ୍ତାନୀ କରାଯାଉଛି।

### 'ପ୍ରେମ ଅନ୍ଧ' କାହିଁକି ?...

ଉପରେ ଅନୁଧ୍ୟାନ କରି କାହିଁକି 'ପ୍ରେମ ଅନ୍ଧ' ବର୍ଣ୍ଣନା କରିଛନ୍ତି। ବିହେଭରାଲ ସାଇନ୍ସ ପତ୍ରିକାରେ ଏହି ଅଧ୍ୟୟନର ଫଳାଫଳ ପ୍ରକାଶ ପାଇଛି। ଏଥିରେ ପ୍ରେମରେ ପଡ଼ିଥିବା ୧,୫୫୬ ଜଣ ଯୁବକ/ଯୁବତୀଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଆଚରଣ ଏବଂ ଶାରୀରିକ କାର୍ଯ୍ୟକଳାପକୁ ସର୍ଭେ କରିଥିଲେ। ବୈଜ୍ଞାନିକ ଏହି ସର୍ଭେ ଅଂଶଗ୍ରହଣକାରୀଙ୍କର ସେମାନଙ୍କ ସାଥୀଙ୍କ ପ୍ରତି ଭାବପ୍ରବଣତା, ସେମାନଙ୍କ ଆଚରଣ ଏବଂ ଅନ୍ୟ ସମସ୍ତଙ୍କ ଅପେକ୍ଷା ସେମାନଙ୍କ ପ୍ରିୟଜନ ଉପରେ ଥିବା ଧ୍ୟାନ ଉପରେ ଫୋକସ କରିଥିଲା। ଏଥିରୁ ଦେଖାଗଲା ଯେ, ଯେତେବେଳେ ଆମେ ପ୍ରେମରେ ପଡୁ, ଆମର ମସ୍ତିଷ୍କ ଭିନ୍ନ ଭାବରେ ପ୍ରତିକ୍ରିୟା କରିଥାଏ। ଏହି ସମୟରେ ଆମର ଆବେଗ ଆମ ଜୀବନର କେନ୍ଦ୍ର ବା ମୁଖ୍ୟ ପାଲଟିଯାଏ। କାନବେରା ବିଶ୍ୱବିଦ୍ୟାଳୟର ଡ. ଫିଲ କାଭାନଗଙ୍କ ସୂଚନା ଅନୁଯାୟୀ, ଅଧ୍ୟୟନରୁ ଜଣାପଡିଛି ଯେ ରୋମାଣ୍ଟିକ ପ୍ରେମ ଆଚରଣ ପରିବର୍ତ୍ତନ ଓ ଭାବପ୍ରବଣତା ସହିତ ଜଡିତ ରୋମାଣ୍ଟିକ ପ୍ରେମରେ ଅକ୍ସିଟୋସିନ ଯେଉଁ ଭୂମିକା ଗ୍ରହଣ କରିଥାଏ ତାହା ଆମେ ଜାଣୁ, କାରଣ ଯେତେବେଳେ ଆମେ ପ୍ରିୟଜନଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଆମର ସ୍ନାୟୁ ପ୍ରଣାଳୀ ଏବଂ ରକ୍ତ ସ୍ରୋତରେ ଏହା ତରଙ୍ଗ ସୃଷ୍ଟି କରେ। ପ୍ରକୃତରେ ଜଣେ ବ୍ୟକ୍ତି ପ୍ରେମରେ ପଡ଼ିଲେ ତାର ପ୍ରିୟଜନଙ୍କର ଯେଉଁ ସ୍ପେଶାଲ କେୟାର ନିଏ ଏବଂ ତାଙ୍କୁ ହିଁ ଗୁରୁତ୍ୱ ଦିଏ, ତାହା ଡୋପାମାଇନ ସହ ଅକ୍ସିଟୋସିନ ମିଶିବା କାରଣରୁ ହୋଇଥାଏ। ଏହା ଏକ ରାସାୟନିକ, ଯାହା ମଣିଷ ରୋମାଣ୍ଟିକ୍ ଫିଲ କରିବା ସମୟରେ ମସ୍ତିଷ୍କରୁ କ୍ଷରଣ ହୋଇଥାଏ ବୋଲି ଡାକ୍ତର ଫିଲ କହିଛନ୍ତି। ଆଗକୁ ଏ ବାବଦରେ ଅଧିକ ତଥ୍ୟ ଜାଣିବା ପାଇଁ ପ୍ରେମ ସମୟରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଥିବା ପ୍ରାର୍ଥକ୍ୟକୁ ଅନୁଧ୍ୟାନ କରୁଛନ୍ତି । ବୈଜ୍ଞାନିକ ଏଥିସହ ଚାରି ପ୍ରକାରର ରୋମାଣ୍ଟିକ୍ ପ୍ରେମୀଙ୍କୁ ନେଇ ଏକ ବିଶ୍ୱବ୍ୟାପୀ ସର୍ଭେ କରାଯାଉଛି ।

# ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କ ୯୫ତମ ଜୟନ୍ତୀ ପାଳିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ମନ୍ତ୍ରୀ ପ୍ରହଲ୍ଲାଦ ମଲିକଙ୍କର ୯୫ତମ ଜନ୍ମ ବାର୍ଷିକ ପାଳିତ ହୋଇଯାଇଛି । ମହିପାଳ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ। ଏଥି ସହିତ ତାଙ୍କର କନ୍ୟା ପୂର୍ବତନ ବିଧାୟିକା ସିପ୍ରା ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱର୍ଗତ ମଲିକଙ୍କର କେନ୍ଦ୍ରାପଡ଼ାର ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସେ ଥିଲେ କେନ୍ଦ୍ରାପଡ଼ାର ମୁଖ୍ୟବିନ୍ଧାଣି। କେନ୍ଦ୍ରାପଡ଼ା କଲେଜ, ବିଇଡି, କଲେଜ, ଲ' କଲେଜ ଏପରି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ତାଙ୍କର ପ୍ରଚେଷ୍ଟା ଥିଲା। ତାଙ୍କର ଏହି ଜନ୍ମ ବାର୍ଷିକ ସଭାରେ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ବିଜେଡି ରାଜ୍ୟ ସଂପାଦକ ରବି ସାମଲ, ରବିନ୍ଦ୍ର ମୋହନ ସାହୁ, ଧିରେନ ସାହୁ, ରୋସନା ସାହୁ, ଶରତ ବେହୁରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

**ମକର ସଂକ୍ରାନ୍ତିରେ ଅଘଟଣ**

## ଗୁଡ଼ି ସୂତା ଲାଗି ୨ ଜଣ ଯୁବକ ଆହତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବାଲିକୁଦାରେ ଅଭାବନୀୟ ଘଟଣା। ଗୁଡ଼ି ସୂତା ଲାଗି ୨ ଜଣ ଯୁବକ ଆହତ ହୋଇଛନ୍ତି। ଗୁଡ଼ି ସୂତା ଲାଗି କଟିଲା ଯୁବକଙ୍କ ବେକ ଓ ହାତ। ବାଇକ୍‌ରେ ନିଆଳିରୁ କଟକ ଆସୁଥିବା ବେଳେ ଲାଗି ଯାଇଥିଲା ଗୁଡି ସୂତା। ଜଣଙ୍କ ବେକ ଓ ଅନ୍ୟ ଜଣଙ୍କ ହାତରେ ଏହି ସୂତା ଲାଗିଥିଲା। ତୁରନ୍ତ ବାଇକ୍ ଅଟକାଇ ଦେବାରୁ ଏକ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ ଉଭୟ। ବେକରେ ଦାଗ ହୋଇଯିବା ସହିତ ଅନ୍ୟ ଜଣଙ୍କର ହାତ କଟି ରକ୍ତ ସ୍ରାବ ହୋଇଛି। ଉଭୟ ଆହତଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ମକର ସଂକ୍ରାନ୍ତି ଅବସରରେ କଟକ ସମେତ ବିଭିନ୍ନ ସ୍ଥାନରେ ସକାଳୁ ସକାଳୁ ଗୁଡ଼ି ଉଡ଼ାଇବା ଆରମ୍ଭ ହୋଇଥିଲା। ଗୁଡ଼ି ଉଡ଼ାଇବା ପାଇଁ ମାଞ୍ଜା ସୂତାକୁ ପ୍ରଶାସନ ବାରଣ କରିଥିଲେ ମଧ କିଛି ଅମାନିଆ ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଉଥିବା ଦେଖିବାକୁ ମିଳିଛି।



# ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ଜିଲ୍ଲା କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପାତ୍ରପଡ଼ା ସ୍ଥିତ ମହାରାଜା କ୍ରିକେଟ୍ ଗ୍ରାଉଣ୍ଡ ପରିସରରେ ଅଲ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ର ଆୟୋଜନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୧୨ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ପୁରୀ ଓ ଝାରପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ଏଥିରେ ପୁରୀ ଦଳ ଝାରପଡ଼ାକୁ ପରାସ୍ତ କରି ୨୦୨୪ର ଚାମ୍ପିଅନ ହୋଇଥିଲା। ଏହି ଉଦ୍‌ଯାପନ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ୬୫ନଂ ୱାର୍ଡର କର୍ପୋରେଟର ରଶ୍ମୀରଞ୍ଜନ ପାଟଶାଣୀ ବିଜୟୀ ଦଳକୁ ୱିନିଙ୍ଗ ଟ୍ରଫି ସହିତ ଦଶ ହଜାର ଟଙ୍କାର ଚେକ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ଛଅ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଜାନକୀ ବଲ୍ଲଭ ପଟ୍ଟନାୟକ, ପରିଷଦର ସଭାପତି ଗୋପୀନାଥ ନାୟକ, ଉପଧକ୍ଷ ଜାପାନୀ ନାୟକ ଅଶୋକ କୁମାର ନାୟକ, ରାମଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ପ୍ରମୋଦ ନାୟକ, ଶଙ୍କର ନାୟକ, ଦୀପକ ନାୟକ, ଚନ୍ଦନ ନାୟକ, ବିକାଶ ନାୟକ, ପ୍ରଭାତ ନାୟକ, ପ୍ରଭାକର ନାୟକ, ଜନାର୍ଦ୍ଦନ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପରିଷଦର କ୍ରୀଡ଼ା ସମ୍ପାଦକ ଭରତଚନ୍ଦ୍ର ନାୟକ ଓ ଅମର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟଟି ସଫଳତାର ସହିତ ସମାପ୍ତ ହୋଇଥିଲା।

# ଧୂମ୍‌ଧାମ୍‌ରେ ଚାଲିଛି କଳା ସଂସ୍କୃତି ମହାକୁମ୍ଭ କଳାହାଣ୍ଡି ଘୁମୁରା ଉତ୍ସବ- ୨୦୨୪

**କଳାହାଣ୍ଡି, ନ୍ୟୁଜ୍ ବ୍ୟୁରୋ**



କଳାହାଣ୍ଡିରେ ଧୂମ୍‌ଧାମ୍‌ରେ ଚାଲିଛି କଳା ସଂସ୍କୃତି ମହାକୁମ୍ଭ କଳାହାଣ୍ଡି ଘୁମୁରା ଉତ୍ସବ-୨୦୨୪। ନାଚ ଗୀତରେ ଦୁଲୁକି ଉଠିଛି ରେଣ୍ଡୋ ମାଝୀ ମଞ୍ଚ। ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମ ପାଖରେ ଚାଲିଛି ମହୋତ୍ସବ। ଦ୍ୱିତୀୟ ସନ୍ଧ୍ୟାରେ କଳାହାଣ୍ଡିଆ କଳାକାରମାନଙ୍କ ବଜାଶାଲ ଓ ସିଙ୍ଗାରୀ ନାଚରେ ମଞ୍ଚ ଦୁଲୁକି ଉଠିଥିଲା। ମୁଖ୍ୟ ଅତିଥି ଭାବରେ ସାଂସଦ ବସନ୍ତ ପଣ୍ଡା ରହିଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଭବାନୀପାଟଣା ପୌରପରିଷଦର ଅଧକ୍ଷା ସଂଯୁକ୍ତା ବେହେରା ଯୋଗ ଦେଇଥିଲେ। ଏହି ଅବସରରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ସ୍ମରଣିକା 'କଳାଝରଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଇଛି। କବି ସମ୍ମିଳନୀରେ କବିତା ପୁସ୍ତକ 'ନିଶାନ'ର ମଧ ଉନ୍ମୋଚନ ହୋଇଛି। ଶେଷରେ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍‌ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଭୁବନେଶ୍ୱର
୧୬ ଜାନୁଆରୀ
ମଙ୍ଗଳବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

## ଲିଥିୟମ ଖଣି ଅନୁସନ୍ଧାନ ଏବଂ ଉତ୍ତୋଳନ ପାଇଁ

# କାବିଲ-କେମେନ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷରିତ




**ଭୁବନେଶ୍ୱର, ୧୫।୧ :ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ଉଦ୍ୟୋଗ – ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ଼ (କାବିଲ) ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଆର୍ଜେଣ୍ଟିନାର କାଣ୍ଟାମାର୍କା ପ୍ରଦେଶ ସରକାରଙ୍କ ଅଧୀନସ୍ଥ ଉଦ୍ୟୋଗ କେମେନ ଏସଇ ସହ ସୋମବାର କାଣ୍ଟାମାର୍କାରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

କାଣ୍ଟାମାର୍କାର ଗଭର୍ଣ୍ଣର ରଲ ଜଲିଲ, ଭାଇସ ଗଭର୍ଣ୍ଣର ଇଂ ରୁବେନ ଡସୋ, କାଣ୍ଟାମାର୍କା ପ୍ରଦେଶର ଖଣି ମନ୍ତ୍ରୀ ମାରସେଲୋ ମାରୁଆ ଏବଂ ଆର୍ଜେଣ୍ଟିନାରେ ଭାରତର ରାଷ୍ଟ୍ରଦୂତ ଦିନେଶ ଭାଟିଆଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ଏଲ କାନ୍ତା ରାଓ ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନସିଂ ମାଧ୍ୟମରେ ଉପସ୍ଥିତ ଥିଲେ। ନାଲ୍‌କୋ ସିଏମ୍‌ଡି ତଥା କାବିଲ ଚେୟାରମ୍ୟାନ ଶ୍ରୀଧର ପାତ୍ର ଏବଂ ନାଲ୍‌କୋର ବାଣିଜ୍ୟିକ ନିର୍ଦ୍ଦେଶକ ତଥା କାବିଲର ସିଇଓ ସଦାଶିବ ସାମନ୍ତରାୟ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ, ଉଭୟ ଭାରତ ଓ ଆର୍ଜେଣ୍ଟିନା ପାଇଁ ଏହା ଏକା ଐତିହାସିକ ଦିନ। କାବିଲ ଏବଂ କେମେନ ମଧ୍ୟରେ ହୋଇଥିବା ବୁଝାମଣା ଦ୍ୱାରା ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କରେ ଆଉ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ଏହି ବୁଝାମଣା ଦ୍ୱାରା ଉଭୟ ଶକ୍ତି କ୍ଷେତ୍ରରେ ଏବଂ ଭାରତରେ ବିଭିନ୍ନ ଶିଳ୍ପମାନଙ୍କରେ ବ୍ୟବହୃତ ଅତ୍ୟାବଶ୍ୟକ ଖଣିଜ ପଦାର୍ଥଗୁଡ଼ିକର ବିବିଧ ଓ ଦୀର୍ଘସ୍ଥାୟୀ ଯୋଗାଣ ଶୃଙ୍ଖଳ ନିଶ୍ଚିତ କରିବ। କୌଣସି ଭାରତୀୟ ସରକାରୀ କମ୍ପାନୀ ବିଦେଶରେ ଲିଥିୟମ ଅନୁସନ୍ଧାନ ଏବଂ ଉତ୍ତୋଳନ କ୍ଷେତ୍ରରେ କାର୍ଯ୍ୟ କରିବାରେ ଏହା ସର୍ବପ୍ରଥମ ପ୍ରକଳ୍ପ ଅଟେ। ଆର୍ଜେଣ୍ଟିନାର କାଣ୍ଟାମାର୍କା ପ୍ରଦେଶରେ ୧୫୭୦୩ ହେକ୍ଟର ପରିମିତ କ୍ଷେତ୍ରରେ କାବିଲ ପକ୍ଷରୁ ୫ଟି ଲିଥିୟମ ଖଣିର ଅନୁସନ୍ଧାନ ଏବଂ ବିକାଶର ପ୍ରକ୍ରିୟା ଆରମ୍ଭ କରିବା ସହ କାବିଲ ଆର୍ଜେଣ୍ଟିନାର କାଣ୍ଟାମାର୍କାରେ କମ୍ପାନୀର ଏକା ଶାଖା କାର୍ଯ୍ୟାଳୟ ସ୍ଥାପନା କରିବ। ପ୍ରକଳ୍ପର ସମୁଦାୟ ବ୍ୟୟ ୨୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।



ଭୁବନେଶ୍ୱର : ପବିତ୍ର ମକର ସଂକ୍ରାନ୍ତି ପାଳନ ଅବସରରେ ରାଜଧାନୀର ବିଭିନ୍ନ ମନ୍ଦିରରେ ଭକ୍ତମାନଙ୍କ ପୂଜାର୍ଚ୍ଚନା। (ଫଟୋ : ସମ୍ବାଦ କଳିକା)

## ରେଳମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱର ଓ କଟକ ରେଲୱେ ଷ୍ଟେସନ ପୁନର୍ବିକାଶର ପ୍ରଗତି ସମୀକ୍ଷା

# ଭଦ୍ରକ-ଭୁବନେଶ୍ୱର ରେଳ ସେକ୍ସନରେ ଭିତ୍ତିଭୂମି କାର୍ଯ୍ୟ ଯାଞ୍ଚ





**ଭୁବନେଶ୍ୱର, ୧୫।୧ :ନ୍ୟୁଜ୍‌ବ୍ୟୁରୋ**

ରେଳ, ଯୋଗାଯୋଗ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭଦ୍ରକ-ଭୁବନେଶ୍ୱର ରେଳ ସେକ୍ସନ ନିରୀକ୍ଷଣ କରି ନିରାପତ୍ତା, ଟ୍ରାଫିକ ସୁବିଧା ସମୀକ୍ଷା କରିବା ସହିତ ରେଳ ସେକ୍ସନରେ ଚାଲିଥିବା ଭିତ୍ତିଭୂମି କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ନିରୀକ୍ଷଣ ସମୟରେ ସେ ରେଳ ଅଧିକାରୀଙ୍କୁ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ପରେ ଶ୍ରୀ ବୈଷ୍ଣବ କଟକ ଏବଂ ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନ କରି ବିଶ୍ୱସ୍ତରୀୟ ଷ୍ଟେସନ ଭାବରେ ଏହି ଷ୍ଟେସନଗୁଡ଼ିକର ପୁନର୍ବିକାଶ ସମ୍ବନ୍ଧୀୟ ନିର୍ମାଣ ପାଇଁ ଚାଲିଥିବା ଭିତ୍ତିଭୂମି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଶ୍ରୀ ବୈଷ୍ଣବ ଖୁସି ବ୍ୟକ୍ତ କରିଛନ୍ତି। ଶ୍ରୀ ବୈଷ୍ଣବ କଟକ ରେଳ ଷ୍ଟେସନ ଗସ୍ତ ସମୟରେ ମାଣିଆବନ୍ଧ ହସ୍ତଶିଳ୍ପ ସାମଗ୍ରୀ ଷ୍ଟଲ୍ ପରିଦର୍ଶନ କରିଥିଲେ। କଟକ ରେଳ ଷ୍ଟେସନରେ ଥିବା ଏକ ଷ୍ଟେସନ ୱାନ ପ୍ରଡକ୍ଟ ଷ୍ଟଲ କଟକ ଜିଲ୍ଲାର ମାଣିଆବନ୍ଧ ଗ୍ରାମର ହ୍ୟାଣ୍ଡଲୁମ ଉତ୍ପାଦ ସହିତ ପ୍ରଦର୍ଶିତ ଓ ବିକ୍ରି ପ୍ରାରମ୍ଭ ହୋଇଛି।ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଓଡ଼ିଶା ଗସ୍ତ ସମୟରେ ଶ୍ରୀ ବୈଷ୍ଣବ ସ୍ଥାନୀୟ ବୁଣାକାରମାନଙ୍କୁ ୱାନ ଷ୍ଟେସନ ୱାନ ପ୍ରଡକ୍ଟ ପଦକ୍ଷେପ ଅନ୍ତର୍ଗତ କଟକ ଷ୍ଟେସନରେ ମାଣିଆବନ୍ଧ ଷ୍ଟଲ୍ ଖୋଲିବାକୁ ଆଶ୍ୱାସନା ଦେଇଥିଲେ। ମାଣିଆବନ୍ଧ ଗ୍ରାମ ପରିଦର୍ଶନ ସମୟରେ ଶ୍ରୀ ବୈଷ୍ଣବ ହୃଦୟଙ୍ଗମ କରିଥିଲେ ଯେ ୧୦ଟି ପରିବାର ଯିଏକି ଲୁଗାବୁଣା କାର୍ଯ୍ୟରେ ସୂତା କାଟିବା, ରଙ୍ଗଦେବା ଓ ବୁଣିବା ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଲୁଗାବୁଣି ସ୍ୱଳ୍ପ ପଇସାରେ ମଧ୍ୟମ ବ୍ୟକ୍ତି ମାଧ୍ୟମରେ ବିକ୍ରି କରୁଥିଲେ, ଯାହାକି ପରିଶ୍ରମର ସିଂହଭାଗ ମଧ୍ୟମ ବ୍ୟକ୍ତି ନେଉଥିବା ବେଳେ ଏମାନଙ୍କୁ ସ୍ୱଳ୍ପ ଅର୍ଥରାଶି ମିଳୁଥିଲା। ସେଥିପାଇଁ ଶ୍ରୀ ବୈଷ୍ଣବ ଏହି ୧୦ଟି ପରିବାରର ସାମଗ୍ରୀ ବିକ୍ରିପାଇଁ କଟକ ଷ୍ଟେସନ ଠାରେ ଗୋଟିଏ ଷ୍ଟେସନ ଗୋଟିଏ ଦ୍ରବ୍ୟ / ପ୍ରଡକ୍ଟ ଷ୍ଟଲ୍ ଯୋଗାଇ ଦେବାପାଇଁ ମାଣିଆବନ୍ଧ ଗ୍ରାମର ଏହି ବୁଣାକାରମାନଙ୍କୁ ଗତ ସପ୍ତାହରେ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ବୈଷ୍ଣବ ଦେଇଥିବା ପ୍ରତିଶ୍ରୁତିକୁ ମାତ୍ର ଏକ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି। ଏବେ ଏହି ବୁଣାକାର ମାନେ ସିଧାସଳଖ ଭାବେ ସେମାନଙ୍କର ସାମଗ୍ରୀ ବିକ୍ରିକରି ନିଜ ପରିଶ୍ରମର ଉଚିତ ପାଉଣା ପାଇପାରିବେ।

## ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

# ବରଗଡ଼ ମଥୁରାନଗରୀରେ ଚାଲିଲା କଂସ ରାଜୁତି

**ବରଗଡ଼, ୧୫।୧ :ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ବରଗଡ଼ ପାଲଟିଛି ମଥୁରାନଗରୀ। ଏଥି ସହିତ ବରଗଡ଼ରେ କଂସ ରାଜୁତି ଆରମ୍ଭ ହୋଇଯାଇଛି। କଂସଙ୍କ ଅଟ୍ଟହାସ୍ୟ ଓ ଇଙ୍ଗିତରେ ମଥୁରାନଗରୀ ଥରହର ହେବ। ମହାରାଜଙ୍କ ହସ୍ତୀ ରାଜବାହାଦୁର ଓ ମହାମନ୍ତ୍ରୀଙ୍କ ସହ ଅନ୍ୟ ପାରିଷଦଙ୍କ ପାଇଁ ୪ଟି ଓଟ, ଗୋଟିଏ ଘୋଡ଼ା, ୫ଟି ଘୋଡ଼ା ଗାଡ଼ି ସବୁ ମହାରାଜଙ୍କ ସେବାରେ ଲାଗିବାକୁ ପ୍ରସ୍ତୁତ ଅଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବରଗଡ଼ ମଥୁରାନଗରୀ ହେବ ଏବଂ ଅମ୍ବାପାଲି ହେବ ଗୋପପୁର। ଜୀରାନଦୀ ପାଲଟିଯିବ ଯମୁନା। ସମସ୍ତେ ଫେରିଯିବେ ସେହି ଦ୍ୱାପର ଯୁଗକୁ।

୮ କିମି ପରିଧି ଭିତରେ ୩ଟି ଦରବାର (ରାଜଦରବାର, ରଙ୍ଗମହଲ, ନନ୍ଦ ରାଜାଙ୍କ ଦରବାର) ଓ ୧୦ରୁ ଊର୍ଦ୍ଧ୍ୱ ମୁକ୍ତାକାଶ ରଙ୍ଗମଞ୍ଚରେ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଅଭିନୀତ ହେବ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉଦ୍‌ଘାଟନୀ ଦିବସରେ ଅପରାହ୍ନ ୨ଟାରୁ ଗାନ୍ଧୀଛକଠାରୁ ସାଂସ୍କୃତିକ ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିରକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ହାଟପଦା ରାଜଦରବାରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ୨୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ, ବିଭିନ୍ନ କଳାକାର, ଧନୁଯାତ୍ରା ସହ ଜଡ଼ିତ ବିଭିନ୍ନ କଳାପ୍ରେମୀ ଓ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ଦିବସରେ ଅତିଥି ଭାବରେ ସାଂସଦ ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲାପାଳ ମୋନୀଷା ବାନାର୍ଜୀ ଓ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ଯୋଗ ଦେଇଥିଲେ। ଏଥର ମିନି ଷ୍ଟାଡ଼ିୟମରେ ସବୁ ବର୍ଷ ଭଳି ବୟନିକା ପକ୍ଷରୁ ସ୍ୱତନ୍ତ୍ର ହସ୍ତତନ୍ତ ମେଳା, ଜର୍ଜ ହାଇସ୍କୁଲ ପଡ଼ିଆରେ ମିନାବଜାର, ଅମ୍ବାପାଲି ନଦୀକୂଳ ପଡ଼ିଆରେ ମିନାବଜାର, ମୋଦୀ ପଡ଼ିଆରେ ସର୍କସ୍ ସହ ହସ୍ତତନ୍ତ ମେଳା ଲାଗିଛି। ଉଦ୍‌ଘାଟନୀ ଦିବସରେ ରାମଜୀ ମନ୍ଦିରରେ ଦେବକୀ-ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସର ସିଂହାସନ ଆରୋହଣ ସହ କଂସଙ୍କ ରାଜୁତି ଆରମ୍ଭ ହୋଇଛି।

# ଚାଷୀଙ୍କ ପାଖରେ ପହଞ୍ଚିବ ଆଗୁଆ ପାଣିପାଗ ସୂଚନା

**ନୂଆଦିଲ୍ଲୀ, ୧୫।୧**

ଏଣିକି ପଞ୍ଚାୟତର ଚାଷୀଙ୍କ ପାଖରେ ପହଞ୍ଚିବ ଆଗୁଆ ପାଣିପାଗ ସୂଚନା। ନିଜ ନିଜ ଭାଷାରେ ପାଇପାରିବେ ପାଣିପାଗ ଖବର। ଏନେଇ ପଞ୍ଚାୟତ ମୌସମ ସେବା ଆପ୍‌ର ଶୁଭାରମ୍ଭ କରିଛନ୍ତି ଉପରାଷ୍ଟ୍ରପତି ଜଗଦିପ ଧନଖଡ। ଭାରତୀୟ ପାଣିପାଗ ବିଭାଗର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଏହାକୁ ଉଦ୍‌ଘାଟନ କରାଯାଇଛି। ଏହି ସେବା ଓଡ଼ିଆ ସମେତ ୧୨ ଟି ଭାରତୀୟ ଭାଷାରେ ଉପଲବ୍ଧ ହେବ। ଆପ୍ ଜରିଆରେ ତାପମାତ୍ରା, ଆର୍ଦ୍ରତା ଏବଂ ପବନର ଗତି ସମ୍ପର୍କରେ ପ୍ରାକ୍ ସୂଚନା ପାଇ ପାରିବେ ଚାଷୀ। କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଏହି ସେବା ଫଳପ୍ରଦ ହେବ ବୋଲି ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଦେଢ଼ଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପାଣିପାଗ ଖବର ଦେଉଛି ବିଭାଗ। ସମୟ ଗତିବା ସହ ଉନ୍ନତମାନର ଟେକ୍ନୋଲୋଜି ବ୍ୟବହାର ହେଉଛି। କୋଲ୍ଡୱେଭ ଏବଂ ହିଟୱେଭ୍‌ରେ ୮୮ ପ୍ରତିଶତ ଆକଳନ ସତ ହେଉଛି। ବଜ୍ରପାତରେ ୮୬ ପ୍ରତିଶତ ଆକଳନ ସତ ହେଉଥିବା ବେଳେ ନାଓକାଷ୍ଟରେ ୮୦ ପ୍ରତିଶତ ସଫଳତା ମିଳୁଛି। ବାତ୍ୟା ଲ୍ୟାଣ୍ଡଫଲ୍‌ରେ ୧୦୦ ପ୍ରତିଶତ ଆକଳନ କରାଯାଇପାରୁଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଧବଳେଶ୍ୱର ପୀଠରେ ଲୁଟେରା ଗ୍ୟାଙ୍ଗ ଆତଙ୍କ : ସିସିଟିଭିରେ ଧରାପଡ଼ିଲେ ୨ ମହିଳା ଲୁଟେରା

**କଟକ, ୧୫।୧ :ନ୍ୟୁଜ୍‌ବ୍ୟୁରୋ**

ବାବା ଧବଳେଶ୍ୱର ପୀଠରେ ମାତିଲେ ଲୁଟେରା। ମକର ସଂକ୍ରାନ୍ତି ଭିଡ଼ର ସୁଯୋଗ ନେଇ ପର୍ସ ଓ ମୋବାଇଲ ଲୁଟିନେଲେ ଲୁଟେରା। ସିସିଟିଭି ଫୁଟେଜ୍ ଆଧାରରେ ୨ ମହିଳା ଲୁଟେରାଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଲୁଟେରାମାନେ ରାଜସ୍ଥାନ ଅଞ୍ଚଳର ବୋଲି ସୂଚନା ମିଳିଛି। ପୋଲିସ ପକ୍ଷରୁ ପୀଠ ମଧ୍ୟରେ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରି ରହିଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଦତ୍ତ ବରାଳ କହିଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ହେଉଛି ପବିତ୍ର ମକର ସଂକ୍ରାନ୍ତି। ମକର ସଂକ୍ରାନ୍ତିରେ ମନ୍ଦିର ଛାଡି ବେଢ଼ା ପରିକ୍ରମା କରି ମନ୍ଦିର ବାହାରେ ଦର୍ଶନ ଦେଇଛନ୍ତି ବାବା ଧବଳେଶ୍ୱର। ମକର ସଂକ୍ରାନ୍ତି ଆଠଗଡ଼ର ଅନ୍ୟତମ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠ ବେଶ୍ ଚଳଚଞ୍ଚଳ। ଧାର୍ମିକ ବିଶ୍ୱାସ ରହିଛି, ଆଜିର ଦିନରେ ଧବଳେଶ୍ୱରଙ୍କୁ ଦର୍ଶନ କରିବା ସହ ତାଙ୍କ ନିକଟରେ ମକର ଚାଉଳ ଲାଗି କଲେ କୋଟି ଜନ୍ମର ପୁଣ୍ୟଫଳ ମିଳିଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ପୀଠରେ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା।



# ଦେଶର ୪୪୬ଟି ସହର ମଧ୍ୟରେ ୧୭୨ ସ୍ଥାନରେ ରହିଛି କଟକ

**କଟକ, ୧୫।୧ :ନ୍ୟୁଜ୍‌ବ୍ୟୁରୋ**




ରାଜ୍ୟରେ ଥିବା ୫ଟି ମହାନଗର ନିଗମ ଭିତରେ ତଳ ଆଡୁ ପାଞ୍ଚ ନମ୍ବର ସ୍ଥାନରେ ରହିଛି କଟକ ମହାନଗର ନିଗମ, ଯାହାକୁ ନେଇ କଟକ ସହର ବାସିନ୍ଦା ଏବଂ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଛନ୍ତି। କଟକକୁ ୟୁରୋପର ସ୍ୱପ୍ନ ଦେଖାଇଥିଲେ ମେୟର। ହେଲେ ଏବେ କଟକ ସହର ଦେଶରେ ଏବଂ ରାଜ୍ୟରେ ନିନ୍ଦିତ ହୋଇଛି। ସଫେଇ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି ମହାନଗର ନିଗମ, ସ୍ୱଚ୍ଛତାରେ କିପରି ଏତେ ତଳକୁ ଖସିଆସିଲା ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଭୁବନେଶ୍ୱର ଶୀର୍ଷରେ ରହିବା ସହିତ ଭାରତ ବର୍ଷରେ ମଧ୍ୟ ଶ୍ରେଷ୍ଠ ୫୦ ମଧ୍ୟରେ ସ୍ଥାନ ହାସଲ କରିଛି। ସିଏମ୍‌ସି ଶ୍ରେଷ୍ଠ ଶହେ ମଧ୍ୟରେ ନିଜ ସ୍ଥାନ ବନାଇବାରେ ଅସଫଳ ରହିବା ଏବେ ସିଏମ୍‌ସିର ସ୍ୱଚ୍ଛତା ଓ ପରିମଳ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେୟର କହୁଛନ୍ତି, କଟକରେ ଜାଇକା ଏବଂ ଅନନ୍ୟା କନଷ୍ଟ୍ରକସନ କାମ ଚାଲୁଥିବାରୁ ସ୍ୱଚ୍ଛ ସର୍ବେକ୍ଷଣରେ ପଛରେ ରହିଛି। ଆବର୍ଜନା ମୁକ୍ତ ସହର ଭାବେ କଟକକୁ କୌଣସି ଷ୍ଟାର ମିଳିନାହିଁ। ସିଏମ୍‌ସି ସବୁ ସହର ମଧ୍ୟରେ ୪୬୮୧.୪୦ ସ୍କୋର ପାଇଛି। ଡମ୍ପିଂୟାର୍ଡ ଉନ୍ନତିକରଣରେ ଶୂନ ପ୍ରତିଶତ ପାଇଛି, ଯାହା ଚିନ୍ତାଜନକ।

# ନଦୀପଠାରେ ୩୦୦୦ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

**ରାଇଘର, ୧୫।୧ :ନ୍ୟୁଜ୍‌ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ କୁନ୍ଦେଇ ଥାନା ଅଧିନରେ ଥିବା କାଉଡୋଳା ପଞ୍ଚାୟତର ଧନରା ଗ୍ରାମ ନିକଟରେ ଥିବା ନଦୀପଠାରେ ସରକାରୀ ଜମି ମଧ୍ୟରେ ମକା ଗଛ ଓ ପନି ପରିବା ଚାଷ ଦୀର୍ଘ ଦିନରୁ ହୋଇ ଆସୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ କିଛି ବ୍ୟକ୍ତି ତା' ମଧ୍ୟରେ ଗଞ୍ଜେଇ ଗଛ ଲଗାଇ ଥିବା କୌଣସି ସୂତ୍ରରୁ ଖବର ପାଇ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଭାବେ ରାଇଘର ଅତିରିକ୍ତ ତହସିଲଦାର୍ ସିମାଞ୍ଚଳ ପାତ୍ର, ଉମରକୋଟ ଉପଖଣ୍ଡ ପୋଲିସ ଅଧିକାରୀ ମଧୁସିକ୍ତା ମିଶ୍ର, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ, କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଓ ଡିଭିଏଫ୍ ଫୋର୍ସ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରି ପ୍ରାୟ ୩ ଏକର ଜମିରେ ଲାଗିଥିବା ୩୦୦୦ରୁ ଊର୍ଦ୍ଧ୍ୱ ଗଛ ଉପାଡ଼ିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ନଷ୍ଟ କରିଥିଲେ। ଏଠାରେ କିଏ ଏତେ ପରିମାଣରେ ଗଞ୍ଜେଇ ଗଛ ଲଗାଇ ଥିଲା ତାହା ଜଣା ପଡ଼ିନଥିବା କାହାରିକୁ ଗିରଫ କରାଯାଇ ନଥିବା ଜଣାପଡ଼ିଛି। ନଷ୍ଟ ହୋଇ ଥିବା ଗଞ୍ଜେଇର ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଲାଗିଥିବା ଏହି ଅଞ୍ଚଳରେ ଅନ୍ୟ ସ୍ଥାନରେ ମଧ୍ୟ ଏଭଳି ଗଞ୍ଜେଇ ଚାଷ କରାଯାଇଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଏଆଇ ଯୋଗୁଁ ବିପଦରେ ପଡ଼ିବ ୪୦% ଚାକିରି

**ନୂଆଦିଲ୍ଲୀ, ୧୫।୧**




ଏଆଇକୁ ନେଇ ପ୍ରତିଦିନ କିଛି ନା କିଛି ଖବର ସାମ୍ନାକୁ ଆସୁଛି। କାମକୁ ଅତି ସହଜରେ କରିବାକୁ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଏଆଇ ଦ୍ୱାରା ପୁଣି ଦ୍ରୁତ ଭାବରେ ଆଧୁନିକ ଜ୍ଞାନକୌଶଳ ଆଡ଼କୁ ବଢୁଥିବା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନିଭାଇବ, ଯାହା ଆରମ୍ଭ ମଧ୍ୟ ହୋଇସାରିଛି। ଏମିତିରେ ତ ସବୁ ଆଧୁନିକ ଜ୍ଞାନକୌଶଳର ଲାଭ ଏବଂ କ୍ଷତି ଉଭୟ ରହିଥାଏ। ଏହା ଏଆଇ ସହ ମଧ୍ୟ ହେଉଛି। ଏହାର କିଛି ଫାଇଦା ଅଛି ତ ପୁଣି କିଛି କ୍ଷତି ମଧ୍ୟ। ଆଉ ଏହିଭଳି ଏଆଇର ଏକ କ୍ଷତି ବିଷୟରେ ଏହାର ଏକ ସଦ୍ୟ ରିପୋର୍ଟରେ ଖୁଲାସା କରିଛି ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ଅର୍ଥାତ ଆଇଏମଏଫ।

ପ୍ରକୃତରେ ଆଇଏମଏଫର ଏକ ନୂଆ ବିଶ୍ଲେଷଣ ଅନୁଯାୟୀ, ଏଆଇ ଅର୍ଥାତ ଦୁନିଆର ପ୍ରାୟ ୪୦ ପ୍ରତିଶତ ଚାକିରିକୁ ପ୍ରଭାବିତ କରିପାରେ। ବିବିସିର ଏକ ରିପୋର୍ଟ ଅନୁଯାୟୀ ଆଇଏମଏଫର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ଅଧିକାଂଶ ପରିସ୍ଥିତିରେ ଏଆଇ ହୁଏତ ସମଗ୍ର ବିଶ୍ୱର ଅସମାନତାକୁ ଆହୁରି ଖରାପ କରିପାରେ। ଜର୍ଜିଭା କହିଛନ୍ତି ପଲିସିମେକର୍ସଙ୍କୁ ଏହିଭଳି ଭାବରେ ପରିସ୍ଥିତି ଉପରେ ଧ୍ୟାନ ଦେବା ଦରକାର। ଫଳରେ ଟେକ୍ନୋଲୋଜି ଦ୍ୱାରା ସାମାଜିକ ସ୍ଥିତିକୁ ଆହୁରି ଅଧିକ ଉସ୍‌କେଇବାରୁ ରୋକା ଯାଇପାରିବ। ଏହି ରିପୋର୍ଟ ଅନୁଯାୟୀ, ଆଇଏମଏଫ କହିଛି ଏଆଇ ଆଡଭାନ୍ସ ଇକୋନୋମିଜରେ ଚାକିରିର ପ୍ରାୟ ୬୦ ପ୍ରତିଶତ ପ୍ରଭାବିତ କରିଛି। ଏଥିରୁ ଅଧା କର୍ମଚାରୀ ଏଭଳି ରହିବେ ଯେଉଁମାନେ ଏଆଇରୁ ଫାଇଦା ମିଳିବା ନେଇ ଆଶା କରିପାରନ୍ତି। ଯାହାଦ୍ୱାରା ଉତ୍ପାଦକତା ବଢ଼ିବ। ଏହା ବ୍ୟତୀତ ଏଆଇ ସେହି କାମକୁ ମଧ୍ୟ କରାଯାଇ ପାରିବ, ଯାହାକୁ କରିବା ପାଇଁ ବର୍ତ୍ତମାନ କର୍ମଚାରୀଙ୍କୁ ଆବଶ୍ୟକ ପଡ଼ିବ। ଏଥିରେ ଶ୍ରମ ଅର୍ଥାତ କର୍ମଚାରୀଙ୍କ ଆବଶ୍ୟକ କମ୍ ହୋଇପାରିବ। ଦରମା ପ୍ରଭାବିତ ହୋଇପାରେ ଏବଂ ଏମିତିକି ଚାକିରି ମଧ୍ୟ ହରାଇପାରନ୍ତି। ଅବଶ୍ୟ ଆଇଏମଏଫର ଅନୁମାନ ରହିଛି ଯେ, ଏଆଇ ଟେକ୍ନୋଲୋଜି କମ୍ ଆୟ ଥିବା ଦେଶରେ କେବଳ ୨୬ ପ୍ରତିଶତ ଚାକିରିକୁ ପ୍ରଭାବିତ କରିବ।

ଆଇଏମଏଫର ପରିଚାଳନା ଡାଇରେକ୍ଟର କହିଛନ୍ତି ଅନେକ ଦେଶ ପାଖରେ ଏଆଇର ଫାଇଦା ନେବା ପାଇଁ ଆବଶ୍ୟକ ଭିତ୍ତିଭୂମି ତଥା କାର୍ଯ୍ୟବଳ ନାହିଁ, ଯାହା ଦ୍ୱାରା ଏହାର ବିପଦ ବଢ଼ିଛି। ଆଉ ସମୟ ସହ ଏହି ଟେକ୍ନୋଲୋଜି ବିଶ୍ୱର ଅନେକ ଦେଶ ମଧ୍ୟରେ ଅସମାନତା ବଢ଼ିପାରେ। ଆଇଏମଏଫର କହିବା ଅନୁଯାୟୀ କମ୍ ଆୟ ଏବଂ ଅଧିକ ବୟସର କର୍ମଚାରୀ ପଛରେ ପଡ଼ିପାରନ୍ତି।


**ଏବେ ବଜାରରେ ଉପଲବ୍ଧ...**

**'କଥାକଳିକା' ଜାନୁଆରୀ-୨୦୨୪ ସଂଖ୍ୟା**




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚ୍ଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)